আজি - রবিবার



ଆଜି - ରବିବାର

ତାରିଖ - ୧୮ ଅକ୍ଟୋବର ୨୦୨୬

ମାସ - ତୁଳା, ଦିନ - ୦୨

ତିଥି - ସପ୍ତମୀ, ପକ୍ଷ- ଶୁକ୍ଳ

ନକ୍ଷତ୍ର - ପୂର୍ବାଷାଢ଼ା, ଧନୁ ଚନ୍ଦ୍ର

ସୂର୍ଯ୍ୟୋଦୟ - ୫: ୪୫: ୦୦

ସୂର୍ଯ୍ୟାସ୍ତ - ୫ : ୧୮ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 42 ISSUE- 186 R.N.I. REGD. No. 44026/86 ବାଲେଶ୍ୱର ୧୮ ଅକ୍ଟୋବର ୨୦୨୬ ରବିବାର BALASORE 18 OCTOBER 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦




ମା'ଙ୍କ ମହାଗୌରୀ ବେଶ ।



ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ସପ୍ତମ ଦିବସରେ ମା'ଙ୍କ 'କାଳରାତ୍ରୀ' ବେଶ ଅନୁଷ୍ଠିତ ।

# ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର : ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୨୮ରୁ ୨୯ ତାରିଖ ଯାଏଁ ସେ ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତିଙ୍କ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ଆୟୋଜିତ ହେବାକୁ ଥିବା ମେଗା ଆଇ କ୍ୟାମ୍ପ ଶିବିରରେ ଯୋଗଦେବେ । ଏହା ସହିତ ତାଙ୍କର ପାହାଡ଼ପୁର ଯିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ମହାମହିମ ମା' କିଚକେଶ୍ୱରୀ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବେ । ଏନେଇ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ସୂଚନା ଦେଇଛନ୍ତି ।



ରାଷ୍ଟ୍ରପତିଙ୍କ ଗସ୍ତ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ସକାଳ ୧୦ଟାରେ ବୈଠକ ବସିବ । ଏହି ଦୁଇ ଦିନିଆ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା, ଯାତାୟାତ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ପ୍ରସ୍ତୁତି ସମୀକ୍ଷା କରାଯିବ । ବୈଠକରେ ବରିଷ୍ଠ ଅଧିକାରୀମାନେ ଯୋଗଦେବେ ।

# ଓଡ଼ିଶାରେ ନୂଆ ରାଜ୍ୟପାଳ ଆଜି ଶପଥ ଗ୍ରହଣ



ଭୁବନେଶ୍ୱର : ଓଡ଼ିଶାରେ ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ । ରାଜ୍ୟପାଳଙ୍କ ଆଗମନ ଏବଂ ଶପଥ ଗ୍ରହଣ ଉତ୍ସବ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଏବଂ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆଜି ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଛନ୍ତି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସହ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ବିମାନବନ୍ଦରରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ସ୍ୱାଗତ କରିଛନ୍ତି । ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଛି । ରାଜ୍ୟପାଳଙ୍କ ସହ ଝାଡ଼ଖଣ୍ଡରୁ ପ୍ରାୟ ୩୦୦ଜଣ ଅତିଥି ଆସିଛନ୍ତି । ଆସନ୍ତା ୧୮ତାରିଖରେ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ । ଏଥିପାଇଁ ଓଡ଼ିଶା ଲୋକଭବନ ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଶେଷ ହୋଇଛି । ୧୮ତାରିଖ ପୂର୍ବାହ୍ନ ୧୧ଟାରେ ଲୋକଭବନର ନୂଆ ଅଭିଷେକ ହଲ୍‌ରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ନୂଆ ରାଜ୍ୟପାଳଙ୍କୁ ଶପଥ ପାଠ କରାଇବେ । ସୂଚନାଥାଉକି, ନବ ନିଯୁକ୍ତ ରାଜ୍ୟପାଳ ବିମାନବନ୍ଦରରୁ ସିଧା ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ସନ୍ଧ୍ୟାରେ ପୁରୀରୁ ଫେରି ରାତି ୭ଟା ୨୫ରେ ଲୋକଭବନରେ ପହଂଚିବେ ବୋଲି ସୂଚନା ରହିଛି ।

# ନବରାତ୍ରୀରେ ମା' କାଳରାତ୍ରୀଙ୍କୁ ପ୍ରାର୍ଥନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରୀ ସମୟରେ ମା କାଳରାତ୍ରୀଙ୍କୁ ପ୍ରାର୍ଥନା କରିଥିଲେ । ଦେବୀଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ



ନୂତନ ଶକ୍ତି ଏବଂ ନୂତନ ଆତ୍ମବିଶ୍ୱାସରେ ଆଲୋକିତ ହେଉ ବୋଲି ପ୍ରଧାନମନ୍ତ୍ରୀ ପ୍ରାର୍ଥନା କରିଥିଲେ । ସେ ଦେବୀଙ୍କ ଦିବ୍ୟ କୃପା ମାଧ୍ୟମରେ ସମସ୍ତଙ୍କ ପାଇଁ ସମୃଦ୍ଧି କାମନା କରିଥିଲେ । 'ଆଜି ନବରାତ୍ରୀରେ ମା କାଳରାତ୍ରୀଙ୍କ ସ୍ୱତନ୍ତ୍ର ପୂଜାର ଦିନ । ତାଙ୍କର ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ନୂତନ ଶକ୍ତି ଏବଂ ନୂତନ ଆତ୍ମବିଶ୍ୱାସର ଆଲୋକିତ କରୁ । ମା 'ଦେବୀଙ୍କ ଦିବ୍ୟ କୃପା ସମସ୍ତଙ୍କ ପାଇଁ ସମୃଦ୍ଧି ଆଣନ୍ତୁ, ଏହା ହେଉଛି ପ୍ରାର୍ଥନା ।

# ଅକ୍ଟୋବର ୨୫ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର : ଅକ୍ଟୋବର ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ସମ୍ଭାବ୍ୟ ଗସ୍ତକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜି ଏନେଇ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ, ଶନିବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସକାଳ ୧୦ଟାରେ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଏହି ବୈଠକ ବସିବ । ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତିର ସମୀକ୍ଷା



କରାଯିବ । ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା ହେବ । ଏହି ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ସୂଚନାଯୋଗ୍ୟ, ଓଡ଼ିଶାରେ ବିଜେପି ସରକାର ଗଠନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୮ ଥର ଓଡ଼ିଶା ଗସ୍ତ କରିଛନ୍ତି । ଯଦି ଅକ୍ଟୋବର ୨୫ରେ ତାଙ୍କର ଗସ୍ତ ହୁଏ, ତେବେ ଏହା ହେବ ଓଡ଼ିଶାକୁ ତାଙ୍କର ନବମ ଗସ୍ତ ।

# ଛାତ୍ର ସଂସଦ ନିର୍ବାଚନ : ଓଡ଼ିଶାରେ ଏବିଭିପିର ପ୍ରଦର୍ଶନକୁ ପ୍ରଶଂସା କଲେ ଅମିତ ଶାହ

ଭୁବନେଶ୍ୱର : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓଡ଼ିଶାର ଛାତ୍ର ସଂସଦ



ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷ ର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଏହି ବିଜୟ ସୂଚାଉଛି ଯେ ଯୁବବର୍ଗ 'ଅରାଜକତାର ରାଜନୀତି'କୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଜାତୀୟତାବାଦ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଏଥିସହିତ ସେ ଏକ ପୋଷ୍ଟ ମଧ୍ୟ କରିଛନ୍ତି । "ଓଡ଼ିଶାର ଛାତ୍ରସଂସଦ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା abvpodisha ର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଥମେ ପଞ୍ଜାବ ବିଶ୍ୱବିଦ୍ୟାଳୟ, ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଏବେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏହି ବିଜୟ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଦେଶର ଯୁବଶକ୍ତି ମିଥ୍ୟା, ଭ୍ରମ ଓ ବିଶୃଙ୍ଖଳା ସୃଷ୍ଟି କରୁଥିବା ଶକ୍ତିମାନଙ୍କ ସହ ନୁହେଁ, ବରଂ 'ରାଷ୍ଟ୍ର ପ୍ରଥମ' ବିଚାରଧାରା ସହ ଦୃଢ଼ତାର ସହ ଛିଡା ହୋଇଛନ୍ତି । ଏହି ଫଳାଫଳ ଦେଶବିରୋଧୀ ଶକ୍ତିମାନଙ୍କ ପାଇଁ ଏକ କଡ଼ା ଜବାବ" ବୋଲି ଉଲ୍ଲେଖ କରିଛନ୍ତି । ଭାରତୀୟ ଜନତା ପାର୍ଟିର ଏହି ବରିଷ୍ଠ ନେତା କହିଛନ୍ତି ଯେ, ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ହୋଇଥିବା ନିର୍ବାଚନ ଫଳାଫଳ ଦର୍ଶାଉଛି ଯେ ଦେଶର ଯୁବଶକ୍ତି ଦୃଢ଼ ଭାବରେ 'ରାଷ୍ଟ୍ର ପ୍ରଥମ' ଆଦର୍ଶ ସହ ଜଡ଼ିତ ଅଛନ୍ତି । ସେମାନେ ମିଥ୍ୟା, ଭ୍ରମ ଏବଂ ଅରାଜକତା ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକ ସହ ନାହାନ୍ତି । ଅନ୍ୟପକ୍ଷରେ ବିଜେପିର ଜାତୀୟ ସମ୍ପାଦକ ନିତିନ ନବୀନ ମଧ୍ୟ ଓଡ଼ିଶାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ଏବିଭିପି ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଖେତ ବଚାଓ ଅଭିଯାନ ପ୍ରସ୍ତୁତି ବୈଠକରେ ସମୀକ୍ଷା କଲେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀମାନଙ୍କ ସହିତ ଆଗାମୀ 'ଖେତ ବଚାଓ ଅଭିଯାନ' ପାଇଁ ପ୍ରସ୍ତୁତି ସମ୍ପର୍କରେ ଏକ ଭର୍ଚୁଆଲ୍ ବୈଠକ କରିଛନ୍ତି । ଏହି ଅଭିଯାନ ୨୨ ଅକ୍ଟୋବରରୁ ୩୦ ନଭେମ୍ବର, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମଧ୍ୟ ପ୍ରଦେଶ, ଉତର ପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ଉତରାଖଣ୍ଡ, ରାଜସ୍ଥାନ, ଆସାମ, ହରିୟାଣା, ଜମ୍ମୁ ଏବଂ କାଶ୍ମୀର, ବିହାର ଏବଂ ମହାରାଷ୍ଟ୍ରର କୃଷି ମନ୍ତ୍ରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭାଗୀରଥ ଚୌଧୁରୀ, କୃଷି ଏବଂ କୃଷକ କଲ୍ୟାଣ ବିଭାଗର ସଚିବ ଶ୍ରୀ ଅତିଶ ଚନ୍ଦ୍ର ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ୍ ମଧ୍ୟ ଉପସ୍ଥିତ ଥିଲେ । ବୈଠକ ସମୟରେ, ଅଭିଯାନର ଉଦ୍ଦେଶ୍ୟ, ପ୍ରମୁଖ କାର୍ଯ୍ୟକଳାପ, କାର୍ଯ୍ୟାନ୍ୱୟନ ରଣନୀତି ଏବଂ ଜନଭାଗୀଦାରୀ ସହିତ ଜଡିତ ଲକ୍ଷ୍ୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅଭିଯାନର ଉଦ୍ଦେଶ୍ୟ ହେଉଛି ଉନ୍ନତ କୃଷି ପଦ୍ଧତି, ସମ୍ବଳର ଦକ୍ଷ ବ୍ୟବହାର, ସ୍ଥାୟୀ କୃଷି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷକ-କୈନ୍ଦ୍ରିକ ଯୋଜନା ସମ୍ପର୍କରେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ।

# ଶାରଦୀୟ ଦୁର୍ଗାପୂଜାରେ ଚଳଚଂଚଳ ସାରା ଓଡ଼ିଶା ଆଜି ମହାସପ୍ତମୀ

ଭୁବନେଶ୍ୱର : ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ମହା ଆଡ଼ମ୍ବରରେ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଦିନ ଠାରୁ ମା'ଙ୍କ ଆବାହନ, ବିଲ୍ୱ ବରଣ ସହ ଷଷ୍ଠୀ ପୂଜା ହୋଇଛି । ମାତ୍ର ରବିବାର ମହାସପ୍ତମୀ ପୂଜା ଅନୁଷ୍ଠିତ ହେବ । ସେହିପରି ସୋମବାର ଦିନ ମହାଷ୍ଟମୀ ପୂଜା ହେବ । ମଙ୍ଗଳବାର ମହାନବମୀ ପୂଜା, ଚଣ୍ଡୀପାଠ ହୋମ ପୂର୍ଣ୍ଣାହୁତି ହେବ । ମଙ୍ଗଳବାର



କେତେକ ସ୍ଥାନରେ ରାବଣପୋଡ଼ି ଅନୁଷ୍ଠିତ ହେବ । ତନ୍ମଧ୍ୟରୁ ବାଲେଶ୍ୱର ରାବପୋଡ଼ି ଅନ୍ୟତମ । ବାଲେଶ୍ୱର ଆଇଟିଆଇ ପଡ଼ିଆରେ ପ୍ରସିଦ୍ଧ ରାବଣପୋଡ଼ି ଦେଖିବା ପାଇଁ ଜନସମାଗମ ହେବ । ବୁଧବାର ଦିନ ଦଶହରା ପୂଜା ଅନୁଷ୍ଠିତ ହେବ ଏବଂ ସଂଧ୍ୟା ୮ ଘଂଟିକା ସମୟରେ ଘଟବିସର୍ଜନ ହେବ ।


15001/117/2627







## ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ହେଉଛନ୍ତି ମାତୃଶକ୍ତିର ପ୍ରତୀକ । ଦୁର୍ଗାପୂଜା ହେଉଛି ଅଧର୍ମ ଉପରେ ଧର୍ମର ଓ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ । ଏହି ସାମୂହିକ ଉତ୍ସବ ସମାଜରେ ଭାଇଚାରା, ଏକତା ଓ ଆତ୍ମୀୟତାକୁ ପ୍ରତିଫଳିତ କରିଥାଏ । ଗାଁରୁ ସହର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିଥାଏ । ମା'ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ପବିତ୍ର ଦୁର୍ଗାପୂଜା ଅବସରରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଆଶୀର୍ବାଦରେ ସଂସାରରୁ ଦୁଃଖ, ଅନ୍ୟାୟ ଓ ଅଶାନ୍ତି ଦୂର ହୋଇ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ, ମା'ଙ୍କ ନିକଟରେ ଏହା ହିଁ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0116


## ଅଳ୍ପରେ ଖବର

- ହିମାଚଳ ପ୍ରଦେଶର ଶିମଳା ଜିଲ୍ଲାରେ ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୧ ଥିଲା ।
- ଭୁବନେଶ୍ୱର ବିମାନବନ୍ଦରରୁ ୫ କିଲୋଗ୍ରାମରୁ ଉର୍ଦ୍ଧ୍ୱ ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ କରିଛି କଷ୍ଟମ୍ସ ବିଭାଗ ।
- ଓଡ଼ିଶା ଭିଜିଲାନ୍ସ କଟକ ଜଗତପୁର ସ୍ଥିତ ମହାନଦୀ ଉତର ଡିଭିଜନର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରସନଜିତ ଦାସଙ୍କୁ ଅଟକ ରଖିଛି ।

# ବିକଶିତ ଭାରତ ୨୦୪୭ ର ଦୃଷ୍ଟିକୋଣ ପ୍ରତି ସକ୍ରିୟ ଭାବରେ ଯୋଗଦାନ ଦେବାକୁ ଆହ୍ୱାନ ଦେଲେ ଡ. ମନସୁଖ ମାଣ୍ଡାଭିଆ

ନୂଆଦିଲ୍ଲୀ : କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଏବଂ ପୋରବନ୍ଦରର ସାଂସଦ ଡକ୍ଟର ମନସୁଖ ମାଣ୍ଡଭିଆ ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଏବଂ ବୀକ୍ଷିତ ଭାରତ ୨୦୪୭ ର ଦୃଷ୍ଟିକୋଣ ପ୍ରତି ସକ୍ରିୟ ଭାବରେ ଯୋଗଦାନ ଦେବାକୁ ଆହ୍ୱାନ କରିଛନ୍ତି । ୧୭ ଅକ୍ଟୋବର ୨୦୨୬ରେ ଗୁଜରାଟର ପୋରବନ୍ଦର



ଜିଲ୍ଲାର କୁଟିଆନାସ୍ଥିତ ଏସ.ଏମ୍. ଜାଡେଜା କଳା ଏବଂ ବାଣିଜ୍ୟ ମହାବିଦ୍ୟାଳୟରେ ବୀକ୍ଷିତ ଭାରତ ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ସେ ଏକ ବିକଶିତ ଏବଂ ନିଶାମୁକ୍ତ ଭାରତ ଗଠନରେ ଯୁବ ନେତୃତ୍ୱ, ଦେଶପ୍ରେମ, ନାଗରିକ ଦାୟିତ୍ୱ ଏବଂ ସାମୂହିକ କାର୍ଯ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ୨୦୪୭ ମସିହାରେ ଭାରତର ସ୍ୱାଧୀନତାର ଶତବାର୍ଷିକୀ ପୂର୍ବରୁ ୨୫ ବର୍ଷର ଅମୃତ କାଳର ଗୁରୁତ୍ୱ ଉପରେ ଆଲୋକପାତ କରି ଡକ୍ଟର ମାଣ୍ଡଭିଆ କହିଥିଲେ ଯେ ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ହାସଲ ପାଇଁ ନାଗରିକମାନଙ୍କର ସାମୂହିକ ପ୍ରତିବଦ୍ଧତା ଆବଶ୍ୟକ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରୁ ପ୍ରକାଶିତ ପାଂଚଟି ପ୍ରତିଜ୍ଞା ବିଷୟରେ ଉଲ୍ଲେଖ କରି, ସେ ଏକ ବିକଶିତ ଭାରତ ପାଇଁ ସଂକଳ୍ପ, ଉପନିବେଶବାଦୀ ମାନସିକତାରୁ ମୁକ୍ତି, ଭାରତର ଐତିହ୍ୟରେ ଗର୍ବ, ଏକତା ଏବଂ ସଂହତି ଏବଂ ନାଗରିକ କର୍ତ୍ତବ୍ୟ ପାଳନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଯୁବପିଢ଼ିଙ୍କୁ ଜାତୀୟ ଏବଂ ବିଶ୍ୱ ବିକାଶ ପ୍ରତି ସଚେତନ ରହିବା ଏବଂ ଦେଶର ପ୍ରଗତିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଆହ୍ୱାନ କରିଥିଲେ । ଭାରତର ବିକାଶ ଯାତ୍ରାରେ ଯୁବପିଢ଼ିଙ୍କ ନିର୍ଣ୍ଣାୟକ ଭୂମିକା ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ ଯୁବପିଢ଼ିଙ୍କୁ ଚରିତ୍ର, ଶୃଙ୍ଖଳା, ସେବା, ସମର୍ପଣ, ବୟସ୍କଙ୍କ ପ୍ରତି ସମ୍ମାନ, ଆତ୍ମନିର୍ଭରଶୀଳତା ଏବଂ କଠିନ ପରିଶ୍ରମ ବିକଶିତ କରିବାକୁ ଉତ୍ସାହିତ କରିଥିଲେ ।



# ନିଆରା ଢଙ୍ଗରେ ଶାରଦୀୟ ଦୁର୍ଗାପୂଜା



କଟକ(ନିପ୍ର): କାଠଯୋଡ଼ି ପାର୍ଶ୍ୱସ୍ଥ କାଠଯୋଡ଼ି ପରିବାର ଦ୍ୱାରା ଆୟୋଜିତ ଏବଂ ଶ୍ରୀଯୁକ୍ତ ସୁବାସ ବେହେରାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ବିଧିବଦ୍ଧ ଭାବରେ ମା ଦୁର୍ଗାଙ୍କର ପୂଜାର୍ଚ୍ଚନା କରାଯାଉଛି । କାଠଯୋଡ଼ି ପରିବାର ଆନୁକୂଲ୍ୟରେ ପାର୍ବଣର ସାଜସଜ୍ଜା ଶାରଦୀୟ ଦୁର୍ଗାପୂଜା କଟକର ଭାଇଚାରା ସହରରେ ଯେପରି କରାଯାଉଛି ଏହା ନିଶ୍ଚିତ ଭାବରେ ଉଦାହରଣ ହୋଇ ରହିବ । ଏହି ଅନୁଷ୍ଠାନ ଛଅ ବର୍ଷର ହୋଇଥିଲେ ମଧ ଚଳିତ ବର୍ଷ ତୃତୀୟ ଥର ପାଇଁ ଦୁର୍ଗା ମାଆଙ୍କର ପୂଜା ଅନୁଷ୍ଠିତ ହେଉଅଛି । ଏହି ପୂଜାରେ ସାରା କଟକ ସହର ଚମକି ଯିବ ବୋଲି ଚର୍ଚ୍ଚା ହେଉ ଅଛି । ଏହି ଅନୁଷ୍ଠାନ କୌଣସି ସାହି ବସ୍ତି ସହିତ ଅନୁବନ୍ଧିତ ହୋଇ ନ ଥିଲେ ମଧ ଏହା ସୁବାସ ବେହେରାଙ୍କ ମାନସିକ ପୂଜା ।ଷଷ୍ଠୀ ବେଲବରଣୀ ଠାରୁ ଦଶମୀ ପର୍ଯ୍ୟନ୍ତ ମାଙ୍କର ସମସ୍ତ ନୀତିକ୍ରାନ୍ତି ଉପଚାର ସହକାରେ ପୂଜାବିଧିରେ ସମ୍ପନ୍ନ ହେବ । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଅନ୍ନବସ୍ତ୍ର ପ୍ରଦାନର ବ୍ୟବସ୍ଥା ରହିଛି । ଚାରିଦିନ ପୂଜାର୍ଚ୍ଚନା ହେବା ପରଦିନ ସକାଳେ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀର ମାନ୍ୟତା ସହକାରେ ମାଆଙ୍କୁ ମେଲାଣି ଦିଆଯିବ ।

# ବାଲୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସିଡିଏମ୍‌ଓଙ୍କ ଛାନ୍‌ଭିନ୍



ନୟାଗଡ଼(ନିପ୍ର): ନୟାଗଡ଼ ସଦର ମହକୁମାଠାରୁ ମାତ୍ର ୫ କିଲୋମିଟର ଦୂରରେ ଅବସ୍ଥିତ ବାଲୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଠିକ ଚିକିତ୍ସା ସୁବିଧା ମିଳୁନାହିଁ । ସ୍ଥାନୀୟ ଆଖପାଖ ଅଂଚଳ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ବାଲୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆଖପାଖ ୫୦ ଖଣ୍ଡ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଦାୟିତ୍ୱରେ ଥିବା ଡାକ୍ତର ସଠିକ ସମୟରେ ଏବଂ ନିୟମିତ ଆସୁନଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଏପରିକି କାର୍ଯ୍ୟରତ ମେଡିକାଲ ଅଫିସର ଡା. ଶୁଭଶ୍ରୀ ମହାନ୍ତି ରୋଗୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଆଜି ସିଧାସଳଖ ସିଡିଏମ୍‌ଓଙ୍କ ଆଗରେ ଫେରାଦ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା । ବାଲୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ଜଣ ଡାକ୍ତର ନିୟୋଜିତ ହୋଇଛନ୍ତି । ମେଡିକାଲ ଅଫିସର ଭାବେ ଡା. ଶୁଭଶ୍ରୀ ମହାନ୍ତି ଏବଂ ଆୟୁଷ ଡାକ୍ତର ଭାବେ ଜୁଲିଏଟ୍ ଦାଶ କାର୍ଯ୍ୟ କରୁଛନ୍ତି । ଉଭୟ ନିୟମିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁନଥିବା ନେଇ ବାରମ୍ବାର ସ୍ଥାନୀୟ ଲୋକେ ଜନପ୍ରତିନିଧିଙ୍କୁ ଅଭିଯୋଗ କରି ଆସୁଥିଲେ । କୌଣସି ଡାକ୍ତର ଆସିନଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି ଜନ୍ମାର୍ଦ୍ଦନ ଦଳବେହେରା ଏବଂ ରାଜକିଶୋର ଦଳବେହେରା ଜାଣିବାକୁ ପାଇଥିଲେ । ଏନେଇ ଉଭୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ୍ ମାଧମରେ ଅଭିଯୋଗ କଲେ । ଅଭିଯୋଗ ପାଇବା କ୍ଷଣି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଏସ୍ ରାଓ ବାଲୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସ୍ଥିତି ପରଖିଥିଲେ । ଉଭୟ ଡାକ୍ତର କୌଣସି ଛୁଟି ଆବେଦନ ନକରି ଡ୍ୟୁଟିକୁ ଆସିନଥିବା ଦେଖିବାକୁ ପାଇଥିଲେ । ଏନେଇ ସିଡିଏମଓ ହେଲଥ ୱାର୍କରଙ୍କୁ ତାଗିଦ୍ କରିବା ସହ ଡ୍ୟୁଟି୍ ଚାଟ୍ ଲଗାଇବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ସ୍ଥାନୀୟ ବାସିନ୍ଦା ନୂତନ ଭାବେ ନିର୍ମାଣ କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୃହ କାର୍ଯ୍ୟକ୍ଷମ କରିବା, ଡାକ୍ତର ସମସ୍ୟାକୁ ଦୂର କରିବା ଏବଂ ଡା. ଶୁଭଶ୍ରୀ ମହାନ୍ତିଙ୍କୁ ଏଠାରୁ ବଦଳି କରି ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦେବାକୁ ଅନୁରୋଧ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମସ୍ତ ସମସ୍ୟା ସୁଧାରିବାକୁ ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଛି । ତେବେ ବିନା ଅନୁମତିରେ ଛୁଟିରେ ରହିଥିବା ଡାକ୍ତରଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ତାହା ଦେଖିବାକୁ ବାଲୁଗାଁ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

# ଚେରମୂଳି ଓ ଶାମୁକାରେ ଚମକୁଛି ଥାନାଛକ ମେଢ଼



ସୋର(ନିପ୍ର): ଦେବୀ ଆସିଛନ୍ତି ବୋଲି ତ ସହର ବଜାରଠାରୁ ମଫସଲ ପର୍ଯ୍ୟନ୍ତ ସୁଦୃଶ୍ୟ ତୋରଣମାଳ, ଉଜ୍ଜ୍ୱଳମୟ ଆଲୋକ ସଜ୍ଜାରେ ଆରମ୍ଭ ହୋଇ ସାରିଛି ପ୍ରତିଯୋଗିତା । ସେହିପରି ସୋର ସହର ଏବଂ ଏହାର ଆଖପାଖ ଅଂଚଳରେ ଅନ୍ୟ ବର୍ଷ ଭଳି ପାଖପାଖି ୧୮ଟି ମେଢ଼ରେ ଆଜି ପୂଜାର୍ଚ୍ଚନା ଆରମ୍ଭ ହୋଇଛଇ । ସେଥି ମଧରେ ୨୪ ବର୍ଷର ପୁରୁଣା ଥାନା ଛକରେ ପଶ୍ଚମବଙ୍ଗର ପ୍ରସିଦ୍ଧ ଡେକୋରେଡର ମାନଙ୍କ ଦ୍ୱାରା ଚଳିତ ବର୍ଷ ଏକ ନିଆରା ଢଙ୍ଗରେ ଅର୍ଜୁନ ଫଳ, ଓଉ ପତ୍ର, ବଜ୍ରମୂଳି ଚେର, କଇଥ କୋଳପା, ଗୁପ୍ ?ଚୁପ୍ ଠୋଲି, ଶାମୁକା ଏବଂ ଫୋମ୍ ସାହାଯ୍ୟରେ ଅତି ସୁନ୍ଦର ଭାବେ ୬୦ ଫୁଟ ଉଚ୍ଚ ଏବଂ ୪୦ ଫୁଟ ଓସାରର ଏହି ମେଢ଼ ଅତି ଚକ୍‌ଚକ୍‌ାର ଭାବେ ଦର୍ଶକଙ୍କ ମନ ମୋହୁଛି । ସୋର ପୌରପରିଷଦ ଅନ୍ତର୍ଗତ ୧ ନମ୍ବ ୱାର୍ଡ଼ ବଡ଼ଖୁରୀ, କମରପୁର ନଟାପଡ଼ା, ଈଶ୍ୱରପୁର ପ୍ରଭୃତି ଗ୍ରାମର ଅଧିବାସୀଙ୍କୁ ନେଇ ଥାନାଛକ ଠାରେ ୨୦୦୪ ମସିହାରେ ୰ଶ୍ରୀପତି ଜାନା, ୰ପୂର୍ଣ୍ଣଚନ୍ଦ୍ର ଦ୍ୱାରୀ, ୰ଖଗେନ୍ଦ୍ର ନାୟକ, ୰ନାରାୟଣ ଲେଙ୍କା ଏବଂ ଭାଗୀରଥି ଓଝା ପ୍ରଭୃତିଙ୍କ ନେତୃତ୍ୱରେ ଏହି ଦୁର୍ଗାପୂଜା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । ସଂପ୍ରତି ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଦାସ ଏହାର ସଭାପତି ଥିବା ବେଳେ ସଂପାଦକ ପ୍ରଫୁଲ୍ଲ ପାତ୍ର, ଉପ ସଭାପତି ସୁଧାଂଶୁ ଶେଖର ସାମଲ, ଯୁଗ୍ମ ସଂପାଦକ ଅଂଶୁମାନ ଚିରଂଜୀବୀ, ପୂଜା ସଂପାଦକ ବ୍ରଜନାରାୟଣ ଦାସ, ବିଶ୍ୱରଂଜନ ଦାସ, ସଂଗଠନ ସଂପାଦକ ଶରତ କୁମାର ନାୟକ, ଚୈତନ୍ୟ ଲେଙ୍କା ଏବଂ ସମସ୍ତ ସଦସ୍ୟ ସଦସ୍ୟା ଏହାକୁ ପରିଚାଳନା କରୁଛନ୍ତି । ଏହି ମେଢ଼ ୪ ଦିନ ଧରି ନିଷ୍ଠାର ସହିତ ପୂଜାର୍ଚ୍ଚନା ହେଉଥିବା ବେଳେ ମହିଳାମାନଙ୍କର ଭୂମିକା ଏଠାରେ ଗୁରୁତ୍ୱପୂର୍ଣ୍ଣ ଥାଏ । ବିଶେଷକରି ବଙ୍ଗୀୟ ଶୈଳୀରେ ଏଠାରେ ସିନ୍ଦୂର ଖେଳ ଖୁବ୍ ଆକର୍ଷିତ ହୋଇଥାଏ ।

# ମାଗଣା ହେଲମେଟ ବଂଟନ କାର୍ଯ୍ୟକ୍ରମ



ବାରିପଦା(ନିପ୍ର): ସେବା ସଂକଳ୍ପ ଅଭିଯାନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ବଡ଼ ଦେଉଳିଠାରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ଦୁଇଚକିଆ ଯାନ ଚାଳକଙ୍କୁ ହେଲମେଟ ବ୍ୟବହାର ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ମାଗଣା ହେଲମେଟ ବଂଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ସମସ୍ତେ ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ମଧ ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଂଟୁପାଲ୍ଲୀ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ ଏବଂ ତହସିଲଦାର ନାରାନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଯାତାୟାତ କରୁଥିବା ବାଇକ ଚାଳକଙ୍କୁ ମାଗଣାରେ ହେଲମେଟ ବଂଟନ କରାଯାଇଥିଲା । ବାରିପଦା ଆଂଚଳିକ ପରିବହନ ଅଧିକାରୀ, ପ୍ରଶାନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ନାରାୟଣ ଉଚ୍ଚ ବିଦ୍ୟାଳୟରେ ଛାୟା ବିଧାନସଭା



ନୟାଗଡ଼(ନିପ୍ର): ପି.ଏମ ଶ୍ରୀ ଉତ୍ସବ ପାଳନ ଅବସରରେ ପି.ଏମ ଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟ, ଶରଣକୁଳର ଛାତ୍ର ଛାତ୍ରୀଙ୍କୁ ନେଇ ଏକ ଛାୟା ବିଧାନସଭା ବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିରୋଧୀ ଦଳ ଶାସକ ଦଳର ବିଭିନ୍ନ କାର୍ଯ୍ୟକ୍ରମର ବିଫଳତା ଓ ବିକଳ ଚିତ୍ରକୁ ଉପସ୍ଥାପନା କରିଥିବା ବେଳ ଶାସକ ଦଳର ମନ୍ତ୍ରୀ ବିଧାୟକ ମାନେ ଉତରରେ ତାଙ୍କ ସରକାରଙ୍କ ପକ୍ଷରୁ ନିଆଯାଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓ ସଫଳ ଯୋଜନା ଉପରେ ଦୃଢ଼ ଜବାବ ଦେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ହେବା ସହିତ ସାମାଜିକ ଚେତନାଧର୍ମୀ କାର୍ଯ୍ୟରେ ସେମାନେ କିପରି ନିଜକୁ ସାମିଲ କରିପାରିବେ ଏହା ଥିଲା ଛାୟା ବିଧାନସଭାର ମୁଖ୍ୟ ଲକ୍ଷ୍ୟ । ବିଶେଷ କରି ବିଧାନ ସଭା ଅଧିବେଶନ କିଭଳି ଆୟୋଜନ ହେଉଛି । ବିଧାୟକ ମନ୍ତ୍ରୀ ମାନେ କିପରି ଗୃହରେ ପ୍ରଶ୍ନ ଓ ଉତର ରଖୁଛନ୍ତି ସେସମ୍ପର୍କରେ ଜାଣିବା ପାଇଁ ବିଦ୍ୟାଳୟ ସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ଦୀପକ କୁମାର ନାୟକ ଓ ସଚ୍ଚିଦାନନ୍ଦ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଛାୟା ବିଧାନସଭାରେ ସୋନିଆ ଡାକୁଆ ବାଚସ୍ପତି, ଦେବୀପ୍ରସାଦ ସାହୁ ମୁଖ୍ୟମନ୍ତ୍ରୀ, ଦେବଯାନୀ ସାହୁ ଗଣଶିକ୍ଷା ମନ୍ତ୍ରୀ, ସରିତା ମୁଦୁଲି କୃଷି ମନ୍ତ୍ରୀ, ଆରତୀ ମହାପାତ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ପ୍ରୀତି ପ୍ରତିଭା ପ୍ରିୟଦର୍ଶିନୀ ଅବକାରୀ ମନ୍ତ୍ରୀ, ଆଦିତ୍ୟ ବର୍ଦ୍ଧନ ଉଚ୍ଚ ଶିକ୍ଷା ମନ୍ତ୍ରୀ, ଅର୍ଚ୍ଚିତା ଶୁଭଲକ୍ଷ୍ମୀ ପରିବହନ ମନ୍ତ୍ରୀ ଓ ବିଶ୍ୱ ବିଦିତ ଦାଶ ବିରୋଧୀ ଦଳ ନେତା ଭାବେ ଅଭିନୟ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶରଣକୁଳ କ୍ଲଷ୍ଟର ସିଆରସିସି ରାଜକିଶୋର ନାୟକ ଅତିଥି ରୂପେ ଯୋଗଦେଇ ଅଂଶ ଗ୍ରହଣକାରୀଙ୍କୁ ପ୍ରଶଂଶା ପତ୍ର ସହିତ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ଶିକ୍ଷକ ଜନାର୍ଦ୍ଦନ ପରିଡା, ଚନ୍ଦନ ମଲିକ, ଦାମୋଦର ସାହୁ, ରାଜାଲିନ ମିଶ୍ର, ଗୌରାଙ୍ଗ ସାହୁ, ଆଲୋକ ମଲିକ, ନିରୁପମା ସାହୁ, ଶୁଭସ୍ମିତା ସାହୁ, ଜୟଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

**NOTICE**

By virtue of an affidavit sworn before Executive Magistrate, Balasore, dated 11.08.2026 I, Bibhusmita Panigrahi, Address At./P.O.-Rupakhand, P.S.-Gopalpur, Dist.-Baleshwar, Odisha-756051 declare that I have changed my name from Bibhusmita Tripathy to Bibhusmita Panigrahi. Henceforth, I shall be known as Bibhusmita Panigrahi for all purposes.

Sd/-
**Bibhusmita Panigrahi**

# ଜଗତ ଜନନୀ ମା ଦୁର୍ଗାଦେବୀଙ୍କ ସପ୍ତମୀ ପୂଜା ଆରମ୍ଭ



ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକର ସର୍ବ ପୁରାତନ ୧୩୪ ବର୍ଷର ଜଗତ ଜନନୀ ମା ଦୁର୍ଗାଦେବୀଙ୍କ ପୂଜା ଶନିବାର ଶୁଭାରମ୍ଭ ହୋଇଛି । ସୁବର୍ଣ୍ଣରେଖା ନଦୀର କୁଦମାନସିଂ ଗ୍ରାମସ୍ଥ ସୁବର୍ଣ୍ଣରେଖା ନଦୀ ଘାଟରୁ ଘଟ ଉତୋଳନ କରାଯାଇ ବାଲିଆପାଳ ବସ ଷ୍ଟାଣ୍ଡ ସ୍ଥିତ ଦୁର୍ଗାମଣ୍ଡପରେ ଘଟ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି । ବାଲିଆପାଳ ପୂଜା କମିଟିର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ପୂର୍ବତନ ସରପଂଚ ମଧୁସୁଦନ ବାରିକ , ଅଜିତ ପାତ୍ର, ନଜିର ଖାଁ, ପ୍ରିୟନାଥ ସାହୁ, ସାଧୁ ଭୋଳ, ପ୍ରାଣକୃଷ୍ଣ ସାହୁ, କମଳାକାନ୍ତ ସାହୁ, ଭାସ୍କର ସାହୁ, ଗିରିଶ ଚନ୍ଦ୍ର ପାତ୍ର, ଗୋପାଳ ଜେନା, ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀଧର ବାରିକ, ଗୌରୀଶଙ୍କର ମଜୁମଦାର, ମନୋରଞ୍ଜନ ବେହେରାଙ୍କ ସହିତ ଅନ୍ୟ ସଦସ୍ୟ ମାନେ ପୂଜା କାର୍ଯ୍ୟରେ ସାମିଲ ହୋଇଛନ୍ତି । ଏଠାରେ ସ୍ୱାଧୀନତା ର ବହୁ ବର୍ଷ ପୂର୍ବରୁ ପୂଜା ହୋଇ ଆସୁଅଛି । ଚଳିତ ବର୍ଷ ମାଆଙ୍କ ପୂଜା ୪ ଦିନ ପରିବର୍ତ୍ତେ ୫ ଦିନ ପାଳିତ ହେବ । ଆସନ୍ତା ୧୯ ତାରିଖରେ ମହାଷ୍ଟମୀ ଏବଂ ୨୧ତାରିଖ ଦଶହରା ପରେ ମାନଙ୍କ ପୂଜା ଶେଷ ହେବ ବୋଲି ଜଣାଯାଇଛି ।

# ତହସିଲ ପ୍ରଶାସନ ପକ୍ଷରୁ ଅତର୍କିତ ଚଢ଼ାଉ, ୭ଟି ବାଲିଗାଡ଼ି ଜବତ

ସିମୁଳିଆ(ନିପ୍ର): ଜାତୀୟ ରାଜପଥରେ ବେଆଇନ ବାଲି ଚାଲାଣ ଉପରେ ତହସିଲ ପ୍ରଶାସନ ପକ୍ଷରୁ ଅତର୍କିତ ଚଢ଼ାଉ ବାଲିଗାଡ଼ି ଜବତ । ସୂଚନାରୁ ପ୍ରକାଶ ଜାତୀୟ ରାଜପଥ ଦେଇ ଦୈନନ୍ଦିନ ବେଆଇନ ଖଣିଜ ଦ୍ରବ୍ୟ ଯାତାୟତ କରୁଛି ଯାହା ପ୍ରଶାସନ ସେମାନଙ୍କ ଉପରେ ଲଗାମ ଦେଉ ନ ଥିବା ଦେଖିବାକୁ ମିଳୁଛି । ଫଳରେ ରାଜାକୋଷର ଆୟ କମିବାରେ ଲାଗିଛି । କୌଣସି ସୂତ୍ରରୁ ଖବର ପାଇ ସିମୁଳିଆ ତହସିଲ ପକ୍ଷରୁ ମଞ୍ଜୁରୀପୁର ଛକ ନିକଟରେ ବାଲି ଗାଡି ଚଢ଼ାଉ କରି ୭ଟି ଗାଡି ବାଲି ଗାଡି ଜବତ କରିବା ସହ ଦୁଇ ଜଣ ଖଳାସୀଙ୍କୁ ଅଟକ ରଖିଥିବା ଜଣାଯାଇଛି । ଏହି ଚଢାଉରେ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ କନିଷ୍ଠ ଖଣି ମାର୍କୋଣା ରାଜସ୍ୱ ନିରୀକ୍ଷକ ଅରୁଣ ମହାଳିକ, କର୍ମଚାରୀ ରମେଶ ପୁହାଣ ପ୍ରମୁଖ ସାମିଲ ଥିଲେ । ପରେ କନିଷ୍ଠ ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ସାତ ଗୋଟି ଗାଡି ନିକଟରୁ ୨୬ଲକ୍ଷ ଟଙ୍କାର ଚାଲାଣ ଡିମାଣ୍ଡ କରାଯାଇଥିବା ନେଇ ସୂଚନା ମିଳିଛି ।

# ଦୁର୍ଗାପୂଜା ପାଇଁ ଭାରୀ ଯାନ ଚଳାଚଳ ଉପରେ କଟକଣା ଜାରି

ଝାରସୁଗୁଡ଼ା(ନିପ୍ର): ଚଳିତ ବର୍ଷ ଦୁର୍ଗା ପୂଜା ଶାନ୍ତି କମିଟି ବୈଠକରେ ହୋଇଥିବା ନିଷ୍ପତି ଅନୁଯାୟୀ ଦୁର୍ଗାପୂଜା, ଦଶହରା ଏବଂ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ତଥା ରାସ୍ତା ଦୁର୍ଘଟଣା ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଆ*ଳିକ ପରିବହନ ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଏନେଇ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶ ଅନୁଯାୟୀ, ୪୯ ନମ୍ବର ଜାତୀୟ ରାଜପଥର କନକତୁରାଠାରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ଭାରୀ ଯାନବାହନ, ବିଶେଷ କରି କୋଇଲା ପରିବହନ କରୁଥିବା ଟ୍ରକ୍ ଚଳାଚଳ ଉପରେ ‘ନୋ-ଏଂଟ୍ରି’ କଟକଣା ବଳବତର ରହିବ । ପୂଜା ଉତ୍ସବ ସମୟରେ ରାଜପଥରେ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ପ୍ରବଳ ଭିଡ଼କୁ ଲକ୍ଷ୍ୟ ରଖି ଆଂଚଳିକ ପରିବହନ ବିଭାଗ ଅଧିକାରୀ ଶ୍ରୀ ଗୌର ହରି ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବ । ୧୭ ଅକ୍ଟୋବର ୨୦୨୬ରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୬:୦୦ ଘଟିକାରୁ ରାତି ୧୧:୦୦ ଘଟିକା ଯାଏଁ ଏହି ମାର୍ଗରେ କୌଣସି ଭାରୀ ଯାନ ପ୍ରବେଶ କରିପାରିବ ନାହିଁ ବୋଲି ଜଣାପଡ଼ିଛି । ମୋଟର ଯାନ ଆଇନର ଧାରା ୧୧୫ ଅନୁଯାୟୀ ଏହି କଟକଣା ଜାରି କରାଯାଇଥିବା ବେଳେ ଏହାକୁ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି ।

















ସତ୍ୟକୁ ଅସତ୍ୟ ବୋଲି ପ୍ରମାଣ କରିବା ପାଇଁ ଜଣେ ଯଦି ବୁଦ୍ଧି ଖଟାଇବାକୁ ଯିବ ସେ ନିଜର ବୁଦ୍ଧିକୁ ହିଁ ଅପମାନ ଦେଲା ।

# ଆଜିକାଲି



*ସଙ୍କରୋନରକାୟୈବ, କୁଳଘ୍ନାନାଂ କୁଳସ୍ୟ ଚ ପତନ୍ତି ପିତରୋହ୍ୟେଷାଂ, ଲୁପ୍ତପିଣ୍ଡୋଦକକ୍ରିୟାଃ । (ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଏହି ବର୍ଣ୍ଣସଙ୍କର ସନ୍ତାନ କୂଳକ୍ଷୟକାରୀ ବ୍ୟକ୍ତି ଓ ତା'ର ସମଗ୍ର କୂଳର ନରକ ଭୋଗ ପାଇଁ କାରଣ ହୋଇଥାଏ । ପୁଣି ତା'ର ପିତୃପୁରୁଷଙ୍କର ଶ୍ରାଦ୍ଧ ପିଣ୍ଡ ଓ ତର୍ପଣ ଜଳ ପ୍ରାପ୍ତିର ବିଲୋପ ହେବା ହେତୁ ଅଧୋଗତି ଘଟିଥାଏ ।



**ମହାଗୌରୀ :** ମା'ଦୁର୍ଗାଙ୍କ ଅଷ୍ଟମ ଶକ୍ତିର ନାମ ମହାଗୌରୀ । ଦେବୀ ମହାଗୌରୀ ଭକ୍ତର ସମସ୍ତ ମନୋବାଞ୍ଛା ପୂରଣ କରନ୍ତି । ମା'ଙ୍କ ଆରାଧନାରେ ଭକ୍ତର ଜନ୍ମଜନ୍ମାନ୍ତର ପାପ ଧୋଇଯାଏ । ବୃଷାରୂଢ଼ା ଚତୁର୍ଭୁଜା ମା' ଶୁଭ୍ରବାସନା । ମା'ଙ୍କ ଆୟୁ ଆଠବର୍ଷ ବୋଲି କୁହାଯାଏ । ଡାହାଣ ଉର୍ଦ୍ଧ୍ୱହସ୍ତ ଅଭୟ ମୁଦ୍ରାରେ ଓ ଅନ୍ୟଟିରେ ମା'ତ୍ରିଶୂଳ ଧାରଣ କରିଛନ୍ତି । ବାମ ଉର୍ଦ୍ଧ୍ୱହସ୍ତରେ ଡମ୍ବରୁ ଓ ଅନ୍ୟ ହସ୍ତଟି ବରଦ ମୁଦ୍ରାରେ ଥାଏ । ଗୋସ୍ୱାମୀ ତୁଳସୀ ଦାସଙ୍କ ଅନୁସାରେ, ଶିବଙ୍କୁ ପାଇବା ପାଇଁ କଠୋର ତପସ୍ୟା କରିଥିବାରୁ ମା'ଙ୍କ ଶରୀର କଳା ପଡ଼ିଗଲା । ମହାଦେବ ପ୍ରସନ୍ନ ହୋଇ ପବିତ୍ର ଗଙ୍ଗାଜଳରେ ଧୋଇବା ପରେ ମା' ଙ୍କ ରଙ୍ଗ କାନ୍ତିମୟ ଓ ଅତ୍ୟନ୍ତ ଗୌର ହେଲା । ଦେବୀଙ୍କୁ ଧ୍ୟାନ କଲେ ସମସ୍ତ ସଙ୍କଟରୁ ମକ୍ତି ମିଳେ । ଧନ, ସମ୍ପତି ଓ ଶ୍ରୀ ବୃଦ୍ଧି ହୋଇଥାଏ ।

# ଯୁବ ନେତୃତ୍ୱ ସ୍ୱପ୍ନ ଓ ସମ୍ଭାବନା

ଓଡ଼ିଶାରେ ବହୁ ପ୍ରତୀକ୍ଷିତ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହୋଇଛି । ଦୀର୍ଘ ୮ ବର୍ଷ ପରେ ଏହି ନିର୍ବାଚନକୁ ନେଇ ଆଶା ଆଶଙ୍କା ତଥା ସସମ୍ଭାବନା ପ୍ରକାଶ ପାଇଥିଲା । ଅନେକ ସ୍ଥାନରେ ହିଂସା, ବୋମାମାଡ଼, ଖଣ୍ଡଯୁଦ୍ଧ ଏବଂ ଶିକ୍ଷାୟତନରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଏହି କାରଣରୁ କେତେକ ଶିକ୍ଷାନୁଷ୍ଠାନକୁ ସାଇନଡାଏ ଘୋଷଣା କରାଯାଇଥିବା ବେଳେ କେତେକ ଅନୁଷ୍ଠାନରେ ଉତେଜନା ପ୍ରକାଶ ପାଇ ପରିସ୍ଥିତି ଭିନ୍ନମୋଡ଼ ନେଇଥିଲା । ତେଣୁ ଛାତ୍ର ସଂସଦ ନିର୍ବାଚନର ବୈଧାନିକତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା । ଏ ସବୁ ସତ୍ତ୍ୱେ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେଲା ଓ ଆମ ଓଡ଼ିଶା ନୂଆଛାତ୍ର ନେତୃତ୍ୱକୁ ଉପଯୋଗୀତାରେ ପାଇ ପାରିଛି । ସମସ୍ତ ବିଜୟୀ ପ୍ରାର୍ଥୀ, ପ୍ରାର୍ଥିନୀ ଏଏବଂ ନିର୍ବାଚନରେ ଯୋଗାଦନ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ରାଜନୀତି ଜୀବନର ଉତୋରତୋର ଉନ୍ନତି କାମନା କରୁଅଛୁ । ଓଡ଼ିଶାରେ ଥିବା ସମସ୍ତ ରାଜନୈତିକ ଦଳଙ୍କର ଏହି ଛାତ୍ର ସଂସଦ ନିର୍ବାଚନରେ ଗୁରୁଦାୟିତ୍ୱ ପରି ଭୂମିକା ରହିଥିଲା । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବିଜୁ ଛାତ୍ରଜନତା ଦଳ (ବିସିଜେଡ଼ି), ଜାତୀୟ କଂଗ୍ରେସର ଛାତ୍ର ସଂସଦ ଏଏବଂ ବାମପନ୍ଥୀ ଦଳ ନିଜନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି । ତେବେ ରାଜ୍ୟରେ ୧୨ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ହୋଇଥିବା ବେଳେ କେତୋଟି ମହାବିଦ୍ୟାଳୟ ନିର୍ବାଚନରୁ ବାଦ୍ ପଡ଼ିଛି । ୧୨ଟି ବିଶ୍ୱବିଦ୍ୟାଳୟରେ ୩୩୮ ଜଣ ପ୍ରାର୍ଥୀ ଥିବା ବେଳେ ପ୍ରାୟ ୩୪୬ଟି ମହାବିଦ୍ୟାଳୟରେ ୬ ହଜାରରୁ ଅଧିକ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି । ଛାତ୍ର ସଂସଦ ନିର୍ବାଚନ ଗଣତନ୍ତ୍ରର ଏକ ପ୍ରୟୋଗଶାଳା ବୋଲି ଧରାଯାଏ । ଏବଂ ସେହିଠାରୁ ହିଁ ଛାତ୍ରଛାତ୍ରୀ ପ୍ରାର୍ଥୀ ମାନଙ୍କର ରାଜନୈତିକ ନେତୃତ୍ୱର ବିକାଶ ଘଟିଥାଏ । ଏହାକୁ ବନ୍ଦ କରିବା ଅନୁଚିତ । ମାତ୍ର ଅନେକ କାରଣ ବଶତଃ ଦୀର୍ଘ ବର୍ଷ ଧରି ଏହି ନିର୍ବାଚନ ଓଡ଼ିଶାରେ ବନ୍ଦ ହୋଇଥିଲା । ଯେଉଁଥିପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଥିଲା । ତେବେ ଯାହାହେଉ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଛାତ୍ର ସଂସଦ ନିର୍ବାଚନ ସଫଳତାର ସହିତ ଅନୁଷ୍ଠିତ ହୋଇଛି । ତେବେ ଶିକ୍ଷାୟତନଗୁଡ଼ିକର କର୍ତୃପକ୍ଷଙ୍କ ମଧ୍ୟ ଭୂମିକାକୁ ଗୁରୁତ୍ୱ ଦେବାକୁ ହେବ । ସମସ୍ତଙ୍କ ମିଳିତ ଉଦ୍ୟମ ଓ ସହଯୋଗ ବଳରେ ଏହା ସମ୍ଭବ ହୋଇ ପାରିଛି । ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନ ଏହାର ବିକାଶ ଏବଂ ଭବିଷ୍ୟତ ଉଜ୍ଜ୍ୱଳ କରିବାରେ ଛାତ୍ରନେତା ମାନଙ୍କର ଦକ୍ଷତା ତଥା କର୍ତବ୍ୟ ପରାୟଣତା ଦେଖିବାକୁ ହେବ । ସମର୍ପିତ ଭାବ ନେଇ ଛାତ୍ରନେତାମାନେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକୁ ଉନ୍ନତିର ଉର୍ଦ୍ଧ୍ୱରେ ପହଂଚାଇବା ଏକାନ୍ତ ଆବଶ୍ୟକ । କାରଣ ସେହି ଯୁବ ନେତୃତ୍ୱମାନେ ଧ୍ୟାନରଖିବେ ଯେ ସେମାନଙ୍କ ଉପରେ ଦେଶ ଓ ରାଜ୍ୟ ନିର୍ଭର କରୁଛି । କୋଟି କୋଟି ଦେଶବାସୀଙ୍କର ଆଶା ଓ ଆକାଂକ୍ଷାକୁ ସେମାନେ ପୂରଣ କରିବା ଜରୁରୀ । ଯୁବ ନେତୃତ୍ୱ ହିଁ ଭବିଷ୍ୟତ ପାଇଁ ସ୍ୱପ୍ନ ଓ ସମ୍ଭାବନା ।

# ନବରାତ୍ରରେ ମାଆ ନବଦୁର୍ଗା

◆ ଶ୍ରୀଜଗଦାନନ୍ଦ

*ଗୃହସ୍ଥ ମାନଙ୍କ ପାଇଁ ଶକ୍ତି ପୂଜନ, ଶକ୍ତି ସମ୍ବର୍ଦ୍ଧନ ଓ ଶକ୍ତି ସଂଚାରର ଦିନ ଅଟେ । ନବରାତ୍ରରେ ଶକ୍ତି ଆରାଧନା ତଥା ଶାସ୍ତ୍ର ସମ୍ମତ ବ୍ରତ ବିଧାନ ଆଦି ଦ୍ୱାରା ଆମେ ତ୍ରିବିଧ ଶକ୍ତି ସଂଚୟ କରି ଭାବି ଜୀବନ ଯାତ୍ରାର ମାର୍ଗରେ ଅଗ୍ରସର ହୋଇଥାଉ । ତେବେ ନବରାତ୍ର ପର୍ବ ଚୈତ୍ର ଓ ଆଶ୍ୱିନ ମାସରେ ହୋଇଥାଏ କାହିଁକି । ଏହାର ବୈଜ୍ଞାନିକ କାରଣ ଖୋଜିଲେ ଜଣାଯାଏ ଯେ ଋତୁ ବିଜ୍ଞାନ ଅନୁସାରେ ଏହି ଦୁଇଟି ମାସ ଥଣ୍ଡା ଓ ଗରମ ସନ୍ଧି ସ୍ଥାନର ମହର୍ତ୍ୱପୂର୍ଣ୍ଣ ମାସ ଅଟେ । ସାଧାରଣତଃ ବର୍ଷରେ ଛଅଟି ଋତୁ ଆମେ ଭୋଗ କରିଥାଉ । ହେଲେ ଏହି ଯେଉଁ ଦୁଇ ମାସ ଶରତ ଓ ବସନ୍ତ ଋତୁ ତନ୍ମଧ୍ୟରେ ଦେଖାଯାଏ ଯେ ଥଣ୍ଡା ପଦାର୍ପଣ ଆଶ୍ୱିନ ମାସରେ ହେଉଥିଲା ବେଳେ ଗରମ - ଚୈତ୍ର ମାସରୁ ଆରମ୍ଭ ହୋଇଥାଏ । ଏହି ଋତୁଙ୍କର ପଦାର୍ପଣ ଭୌତିକ ଜଗତକୁ ହଲଚଲ କରି ଦେଇଥାଏ । କାରଣ ଏହି ଦୁଇଟି ମାସ ସନ୍ଧିର କାଳ ଅଟେ । ଯେଉଁ ସମୟରେ ସ୍ୱାସ୍ଥ୍ୟ ଉପରେ ଏହାର ବିଶେଷ ପ୍ରଭାବ ପଡ଼ିଥାଏ । ଚୈତ୍ର ମାସରେ ଗରମ ଆରମ୍ଭ ହେବା ପରେ ବିଗତ କେତେ ମାସ ଧରି ରକ୍ତ ଯେଉଁ ଜମାଟ ବାନ୍ଧି ରହିଥାଏ ସେଥିରୁ ବାତ, ପିତ, କଫ ରୋଗ ଆଦି ବଢ଼ିବାକୁ ଆରମ୍ଭ କରେ । ଏଥି ପାଇଁ ସଂସାରର ଅନେକ ରୋଗୀ ଏହି ଦୁଇ ମାସରେ ସମ୍ପୂର୍ଣ୍ଣ ରୋଗ ଯୁକ୍ତ ହୁଅନ୍ତି ନତୁବା ମୃତ୍ୟୁ କରନ୍ତି । ତେଣୁ ବେଦରେ କୁହାଯାଇଛି - "ଜୀବେମ ଶରଦ ଶତମ୍" । ପ୍ରାର୍ଥନା କଲାବେଳେ ରୋଗୀ ମଧ ଶରତ କାଳ ପର୍ଯ୍ୟନ୍ତ ବଂଚିବାକୁ ପ୍ରାର୍ଥନା କରିଥାଏ । ଶାସ୍ତ୍ରକାରମାନେ ସନ୍ଧିକାଳର ଏହି ମାସରେ ଶରୀରକୁ ପୃଷ୍ଟ ସୁସ୍ଥ ରଖିବା ପାଇଁ ନଅଦିନ ନବରାତ୍ର ବ୍ରତ କରିବାର ବିଶେଷ ବ୍ରତ ବିଧାନ କରିଛନ୍ତି । ଘରେ ମା' ଭଗବତୀ ଦୁର୍ଗାଙ୍କୁ ଆରାଧନା କରିବା ପାଇଁ ଫଳ ପୁଷ୍ପ ସଂଗ୍ରହ କରିବା ପାଇଁ ପ୍ରାତଃ କାଳରୁ ଉଠିବା ଓ ବାହାରକୁ ଯାଇ ଏହି ଧାର୍ମିକ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ୧୦ ଦିନ ପର୍ଯ୍ୟନ୍ତ ପ୍ରାତଃକାଳୀନ ଶୁଦ୍ଧ ବାୟୁସେବନ ସ୍ୱାସ୍ଥ୍ୟ ପକ୍ଷରେ ଗୁଣକାରୀ ଅଟେ । ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ଜଳୁଥିବା ଅଖଣ୍ଡ ଘିଅ ଓ ତେଲ ଦୀପର ବାମ୍ପ, ଆରତୀ ସମୟରେ ଧୂପ, କର୍ପୂର, ଝୁଣା, ଗୁଗୁଳ, ଆଦି ସୁଗନ୍ଧିତ ପଦାର୍ଥର ଧୂଆଁ ଏହି ସନ୍ଧିକାଳରେ ଉତ୍ପନ୍ନ ହେଉଥିବା ସମସ୍ତ ଜୀବାଣୁକୁ ବିନାଶ କରି ଆମର ଓ ପରିବାରରେ ଶାରୀରିକ ଶକ୍ତି ବୃଦ୍ଧି କରିଥାଏ । ଶୁଦ୍ଧପୁତ ଭାବରେ ମା' ଦୁର୍ଗାଙ୍କୁ ଆବାହନ କରିବାରେ ଆମର ଧ୍ୟାନ କରୁ । ଆସନ୍ତୁ ନବଦୁର୍ଗାଙ୍କର ପ୍ରତ୍ୟେକ ଚରିତ୍ରର ବର୍ଣ୍ଣନା କରିବା ।*



(୧) ଶୈଳପୁତ୍ରୀ – ପ୍ରଥମ ଦୁର୍ଗା ଶୈଳପୁତ୍ରୀ ଅଟନ୍ତି । ସେ ପର୍ବତର ରାଜା ହିମାଳୟଙ୍କର ପୁତ୍ରୀ ତଥା ନବଦୁର୍ଗାଙ୍କ ମଧ୍ୟରେ ପ୍ରଥମ ଦୁର୍ଗା ଥିଲେ । ସେ ପୂର୍ବ ଜନ୍ମରେ ଦକ୍ଷ ପ୍ରଜାପତିଙ୍କର କନ୍ୟା ସତୀ – ଭବାନୀ ଅର୍ଥାତ୍ ଶିବଙ୍କର ପତ୍ନୀ ଥିଲେ । ଦକ୍ଷ ଯେତେବେଳେ ଯଜ୍ଞ କଲେ ସେତେବେଳେ ଶିବଙ୍କୁ କ୍ରୋଧବଶତଃ ନିମନ୍ତ୍ରଣ ଦେଲେ ନାହିଁ । ସତୀ ନିଜ ଇଚ୍ଛାରେ ସେଠାରେ ଯାଇ ପହଞ୍ଚିବା ମାତ୍ରେ ଦକ୍ଷ ଶିବଙ୍କର ଅପମାନ କରି ସତୀଙ୍କୁ ଧିକ୍କାର କଲେ । ପତିଙ୍କର ଅପମାନ ସହି ନ ପାରି ସତୀ ନିଜ ପିତାମାତାଙ୍କ ସମ୍ମୁଖରେ ଯଜ୍ଞ କୁଣ୍ଡରେ ଆତ୍ମାହୁତି ଦେଲେ । ଯଜ୍ଞ ଅଗ୍ନି ଦ୍ୱାରା ନିଜର ଶରୀର ଜଳି ଭସ୍ମ ହୋଇଗଲା ସତୀଙ୍କର । ତାପରେ ଜନ୍ମାନ୍ତର ଗତିରେ ପୁନରା ଏ ପର୍ବତ ରାଜା ହିମାଳୟଙ୍କର ପୁତ୍ରୀ ପାର୍ବତୀ ହୈମବତୀ ରୂପେ ଜନ୍ମ ନେଇ ଶିବଙ୍କର ଅର୍ଦ୍ଧାଙ୍ଗିନୀ ହୋଇଥିଲେ ।

(୨) ବ୍ରହ୍ମଚାରିଣୀ – ଦ୍ୱିତୀୟ ଦୁର୍ଗାଶକ୍ତିଙ୍କ ବ୍ରହ୍ମଚାରିଣୀ ଅଟନ୍ତି । ବ୍ରହ୍ମ ଅର୍ଥାତ୍ ତପରଚାରିଣୀ ଆଚରଣକାରିଣୀ ଅଟନ୍ତି । ତେଣୁ ବ୍ରହ୍ମ ଶବ୍ଦର ଅର୍ଥ ତପ ଅଟେ । "ବେଦ ସ୍ତବଂ ତପୋ ବ୍ରହ୍ମ" ଏହି ବଚନ ଅନୁସାରେ ବେଦ ତତ୍ତ୍ୱ ଏବଂ ତପ ବ୍ରହ୍ମ ଶବ୍ଦର ଅର୍ଥ ଅଟେ । ଏହି ଦେବୀ ଜ୍ୟୋତିର୍ମୟୀ ଭବ୍ୟମୂର୍ତ୍ତି ଅଟନ୍ତି । ତାଙ୍କର ଡ଼ାହାଣ ହାତରେ ଜପମାଳା ଓ ବାମ ହସ୍ତରେ କମଣ୍ଡଳୁ ରହିଛି । ଏବଂ ଦେବୀ ସଦୈବ ଆନନ୍ଦ ପରିପୂର୍ଣ୍ଣା ଅଟନ୍ତି ।

(୩) ଚନ୍ଦ୍ର ଘଂଟା - ତୃତୀୟ ଦେବୀ ଶକ୍ତିଙ୍କର ନାମ ଚନ୍ଦ୍ର ଘଂଟା । ତାଙ୍କ ମସ୍ତକରେ ଘ□ ସଦୃଶ ଅର୍ଦ୍ଧଚନ୍ଦ୍ର ରହିଛି । ଦେବୀ ଲାବଣ୍ୟମୟୀ ଦିବ୍ୟମୂର୍ତ୍ତି ଅଟନ୍ତି । ସୁବର୍ଣ୍ଣ ସଦୃଶ ତାଙ୍କର ଶରୀରର ରଙ୍ଗ ଅଟେ । ତାଙ୍କର ତିନି ନେତ୍ର ଓ ଦଶ ହାତ ରହିଛି । ଯେଉଁ ଦଶ ହାତରେ ଖଡଗ, ଶଙ୍ଖ, ବାଣ ଆଦି ଅସ୍ତ୍ର ରହିଛି । ସେ ସିଂହ ଉପରେ ଆରୂଢ଼ା ଏବଂ ଯୁଦ୍ଧଯାତ୍ରା କରିବାରେ ଉ□ଜିତ ହୋଇ ରହିଛନ୍ତି । (ସେବା ଜ୍ଞାନ ରସର ଆବୃ□ ମୂର୍ତ୍ତି, ଯାହାଙ୍କର ଆୟୁଧ ଭୟଙ୍କର ଘ□ ଧ୍ୱନିରେ ସମସ୍ତ ଦୁଷ୍ଟ ଦାନବ ଓ ରାକ୍ଷସଗଣ ଭୀତତ୍ରସ୍ତ ହୋଇ ଉଠନ୍ତି ।)

(୪) କୁଷ୍ମାଣ୍ଡା – ଚତୁର୍ଥ ଦୁର୍ଗାଙ୍କର ନାମ କୁଷ୍ମାଣ୍ଡା ଅଟେ । ଈଷତ୍ ହାସ୍ୟ ମୁଖରେ ଅଣ୍ଡକୁ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଯିଏ ଉତ୍ପନ୍ନ କରିଛନ୍ତି ସେହି ଶକ୍ତିଙ୍କୁ କୁଷ୍ମାଣ୍ଡା କୁହାଯାଏ । ସେ ସୂର୍ଯ୍ୟ ମଣ୍ଡଳରେ ନିବାସ କରନ୍ତି । ତାଙ୍କର ସୂର୍ଯ୍ୟ ତୁଲ୍ୟ ତେଜର ଝଲକ ଦଶ ଦିଗକୁ ବ୍ୟାପ୍ତ କରୁଥାଏ । ସେ ଅଷ୍ଟଭୁଜା । ସାତ ହାତରେ ସାତ ପ୍ରକାର ଅସ୍ତ୍ର ଚମକପ୍ରଦ ଅଟେ । ଏବଂ ଦକ୍ଷିଣ ହାତରେ ଜପମାଳା । କୁଷ୍ମାଣ୍ଡ (ପାଣି କଖାରୁ) ବଲି ତାଙ୍କର ଅତି ପ୍ରିୟ ଅଟେ । ତେଣୁ ଏହି ଶକ୍ତିଙ୍କର ନାମ କୁଷ୍ମାଣ୍ଡା ରଖାଯାଇଛି । ଏହି ଶକ୍ତି ବିଶ୍ୱ ପ୍ରସିଦ୍ଧ ଅଟେ ।

(୫) ସ୍କନ୍ଦମାତା - ପ□ମ ଦୁର୍ଗାଙ୍କର ନାମ ସ୍କନ୍ଦମାତା ଅଟେ । ଶୈଳପୁତ୍ରୀ ନିଜେ ବ୍ରହ୍ମଚାରିଣୀ ହୋଇ ତପସ୍ୟା/ କରିବା ପରେ ଭଗବାନ ଶିବଙ୍କୁ ବିବାହ କଲେ । ତାପରେ ସ୍କନ୍ଦ ତାଙ୍କର ପୁତ୍ର ରୂପରେ ଜନ୍ମ ଗ୍ରହଣ କଲେ । ତାଙ୍କର ମାତା ହୋଇ ଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଗଲା । ସେ ସ୍କନ୍ଦ ଦେବତାଙ୍କର ସେନା ସ□ାଳନ କରି ସେନାପତି ଅଟନ୍ତି । ଏହି ଦେବୀ ସ୍କନ୍ଦମାତା ଅଗ୍ନିମଣ୍ଡଳରେ ଦେବତା ଅଟନ୍ତି । ସ୍କନ୍ଦ ତାଙ୍କ କୋଳରେ ବସିଛନ୍ତି । ତାଙ୍କର ତିନିନେତ୍ର ଓ ଚାରିବାହୁ ରହିଛି । ସେ ଶୁଭ୍ରବର୍ଣ୍ଣା ଅଟନ୍ତି ଏବଂ ପଦ୍ମାସନରେ ବିରାଜିତ ।

(୬) କାତ୍ୟାୟନୀ - ଏହା ମାଁ ଦୁର୍ଗାଙ୍କର ଷଷ୍ଠ ରୂପ ଅଟେ । କତଙ୍କର ପୁତ୍ର କାତ୍ୟ ଅଟନ୍ତି । ଏହି କାତ୍ୟଙ୍କ ଗୋତ୍ରରେ ଜନ୍ମ ନେଇ କାତ୍ୟାୟନ ହେଲେ । ଏହି ନାମରେ କାତ୍ୟାୟନ ଆଚର୍ଯ୍ୟ ହେଲେ । ଯିଏ ପାଣିନୀଙ୍କର ଅଷ୍ଟାଧ୍ୟାୟୀଙ୍କର ପୂର୍ତି କରିବା ପାଇଁ କାର୍ତିକ ସୃଷ୍ଟି କଲେ । ଏହାଙ୍କୁ ବୀରରୁଚି ମଧ୍ୟ କୁହାଯାଏ । ବୃନ୍ଦାବନରେ ଗୋପୀଗଣ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପାଇବା ପାଇଁ ମାର୍ଗଶିର ମାସରେ କାଳିନ୍ଦୀ ଯମୁନା ତଟରେ କାତ୍ୟାୟନୀଙ୍କର ପୂଜା କରିଥିଲେ । ଏଥିରୁ ଜଣାଯାଏ ଯେ ସେ ବ୍ରଜ ମଣ୍ଡଳର ଅଧିଶ୍ୱରୀ ଦେବୀ ଅଟନ୍ତି । ତାଙ୍କର ସ୍ୱର୍ଣ୍ଣମୟ ଦିବ୍ୟସ୍ୱରୂପ ଅଟେ । ତିନି ନେତ୍ର ତଥା ଅଷ୍ଟଭୂଜା ଅଟେ । ଏହି ଆଠ ହାତରେ ଆଠ ପ୍ରକାର ଅସ୍ତ୍ରଶସ୍ତ୍ର ରହିଛି । ତାଙ୍କର ବାହନ ସିଂହ ଅଟେ ।

(୭) କାଳରାତ୍ରୀ - ସପ୍ତମ ଦୁର୍ଗା ଶକ୍ତିଙ୍କର ନାମ କାଳରାତ୍ରୀ ଅଟେ । ତାଙ୍କର ଶରୀରର ରଙ୍ଗ ଅନ୍ଧକାର ତୁଲ୍ୟ ଗହିରିଆ କଳା ଅଟେ । ତାଙ୍କର ମୁଣ୍ଡ କେଶ ନୁଖୁରାୟିତ ଓ ଗଳାରେ ବିଜୁଳି ସଦୃଶ ଚର୍ମକିଳୀ ମାଳା ରହିଛି । ତାଙ୍କର ତିନି ନେତ୍ର ଅଟେ । ଯିଏ ବ୍ରହ୍ମାଣ୍ଡ ସଦୃଶ ଗୋଲ ଅଟେ । ଏହି ତିନି ନେତ୍ରରୁ ବିଦ୍ୟୁତ ସମଜ୍ୟୋତି ଚମକୁଥାଏ । ନାସିକାରୁ ଶ୍ୱାସ ଛାଡ଼ିବା ମାତ୍ରେ ହଜାର ହଜାର ଅଗ୍ନିର ଜ୍ୱାଳା ନିର୍ଗତ ହୁଏ । ସେ ଗଧ ଉପରେ ଆସୀନା । ଉପରରୁ ଡ଼ାହାଣ ହାତରେ ଚମକପ୍ରଦ ଖଡ଼ଗ ରହିଛି ଓ ନିମ୍ନ ହସ୍ତରେ ବରମୁଦ୍ରା ଶୋଭା ପାଉଛି । ବାମ ହସ୍ତରେ ଜ୍ୱଳନ୍ତ ମଶାଲ ଓ ନିମ୍ନ ହସ୍ତରେ ଅଭୟ ବରମୁଦ୍ରା ରହିଛି । ଏହା ତାଙ୍କର ସେବକଗଣଙ୍କୁ ଅଭୟ ବର ପ୍ରଦାନ କରି ଭକ୍ତଙ୍କୁ ସମସ୍ତ କଷ୍ଟରୁ ମୁକ୍ତ କରେ । ତେଣୁ ମାଁ ଏକାଧାରରେ ଅତି ଭୟଙ୍କରୀ ହେଲେ ମଧ ଭକ୍ତଙ୍କ ପାଇଁ ସେ ଅତ୍ୟନ୍ତ ଶୁଭଙ୍କରୀ ଅଟନ୍ତି ।

(୮) ମହାଗୌରୀ - ଅଷ୍ଟଶକ୍ତି ଦୁର୍ଗାଙ୍କର ନାମ ମହାଗୌରୀ ଅଟେ । ତାଙ୍କର ବର୍ଣ୍ଣ ଶଙ୍ଖ, ଇନ୍ଦୁ ଏବଂ କୁନ୍ଦ ପରି ଗୌର ଅଟେ । ତାଙ୍କର ବୟସ ମାତ୍ର ଆଠ ବର୍ଷ । "ଅଷ୍ଟବର୍ଷା ଭବେଦ୍ ଗୌରୀ" । ତାଙ୍କର ବସ୍ତ୍ର ଓ ଆଭୂଷଣ ସମସ୍ତ ଶ୍ୱେତ ଓ ସ୍ୱଚ୍ଛ ଅଟେ । ତାଙ୍କର ତିନି ନେତ୍ର ଓ ସେ ବୃଷବାହିନୀ ଓ ଚତୁର୍ଭୂଜାଯୁକ୍ତ ଅଟନ୍ତି । ଉପର ବାମ ହସ୍ତରେ ଅଭୟମୁଦ୍ରା ଓ ନିମ୍ନ ବାମ ହସ୍ତରେ ତ୍ରୀଶୁଳ ରହିଛି । ଉପର ଦକ୍ଷିଣ ହସ୍ତରେ ଡମ୍ବରୁ ଓ ନିମ୍ନ ହସ୍ତରେ ବରମୁଦ୍ରା ରହିଛି । ସେ ସୁବାସିନୀ, ଶାନ୍ତ ମୂର୍ତି ଓ ଶାନ୍ତ ମୁଦ୍ରାଯୁକ୍ତ ଅଟନ୍ତି ।

(୯) ସିଦ୍ଧିଦାତ୍ରୀ – ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶ୍ୱତ୍ୱ ଓ ବଶିତ୍ୱ ଏହି ଆଠଟି ସିଦ୍ଧି ରହିଛି । ବ୍ରହ୍ମ ବୈବ□ ପୁରାଣରେ ଶ୍ରୀକୃଷ୍ଣ ଜନ୍ମ ଖଣ୍ଡରେ ଏହି ସଂଖ୍ୟାକୁ ଅଠର ବୋଲି କୁହାଯାଇଛି । ମାତା ସିଦ୍ଧିଦାତ୍ରୀ ଭକ୍ତ ଓ ସାଧକଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିବାରେ ସିଦ୍ଧହସ୍ତା । ଦେବୀ ପୁରାଣ ଅନୁସାରେ ଭଗବାନ ଶିବ ସିଦ୍ଧିଦାତ୍ରୀଙ୍କ କୃପା ଅନୁସାରେ ସମସ୍ତ ସିଦ୍ଧିକୁ ପ୍ରାପ୍ତ କରିଥିଲେ । ତାଙ୍କର ଅନୁକମ୍ପାରୁ ଶିବଙ୍କର ଅଧା ଶରୀର ଦେବୀଙ୍କର ହୋଇଥିଲା ଏବଂ ସେହିଦିନ ଠାରୁ ଶିବ ଅର୍ଦ୍ଧନାରୀଶ୍ୱର ନାମରେ ପ୍ରସିଦ୍ଧି ଲାଭ କଲେ । ଦେବୀ ଚତୁର୍ଭୁଜା ଓ ତାଙ୍କର ବାହନ ସିଂହ ଅଟେ । ସେ କମଳ ପୁଷ୍ପ ଉପରେ ଆସୀନ ହୋଇଛନ୍ତି । ତାଙ୍କ ହାତରେ ଶଙ୍ଖ, ଚକ୍ର, ଗଦା,ପଦ୍ମ ପୁଷ୍ପ ରହିଛି । ଏହି ପରି ଦୁର୍ଗା ପୂଜାର ନବରାତ୍ରରେ ନଅଦିନ ବ୍ୟାପୀ ପୂଜାରେ ଦେବୀଙ୍କର ସକଳ ବନ୍ଦନ ଆଦି କରାଯାଇ ଦେବୀଙ୍କର ନଅଟି ରୂପର ପୂଜା କରାଯାଇ ମାଁଙ୍କର ଅସୀମ ଶକ୍ତି କୃପା ପାଇଁ ସାଧକ ପ୍ରାର୍ଥନା କରିଥାଏ ।

*ମୋ : ୯୫୩୭୨୩୬୫୭୫*

# ବୈଦିକ ପୂଜାରେ ଦୁର୍ଗା

◆ ଉମା ଶଙ୍କର ପ୍ରସାଦ



ଭାରତରେ ଆର୍ଯ୍ୟ ଓ ଅନାର୍ଯ୍ୟ ଏହି ଦୁଇ ଜାତିର ଲୋକମାନେ ପ୍ରଥମେ ବାସ କରୁଥିଲେ । ଅନାର୍ଯ୍ୟମାନଙ୍କ ମଧ୍ୟରେ ଆସୁରିକ ପ୍ରବୃତି ଅଧିକ ରହିଥିବାରୁ ସେମାନେ ସମାଜରେ ଅସୁର ମାନଙ୍କ ପରି ଅନ୍ୟାୟ, ଅତ୍ୟାଚାର ଓ ଅନୀତିରେ ଲିପ୍ତ ଥିଲେ । ମା' ଦୁର୍ଗାଙ୍କର ପୁଜାର ମୁଖ୍ୟ ଉଦ୍ଦେଶ୍ୟ ହେଲା- ସେହି ଦାନବମାନଙ୍କର ଆସୁରିକ ପ୍ରବୃତିର ବିନାଶ ଓ ଦେବ ତଥା ମାନବର ରକ୍ଷା । ଯେପରି ଯୁଗ ଯୁଗ ଧରି ଅଧର୍ମ ଓ ଅନ୍ୟାୟ ବିରୁଦ୍ଧରେ ଅବତାର ମାନେ ଏହି ପୁଣ୍ୟ ଭୂମିରେ ଜନ୍ମଗ୍ରହଣ କରି, ସଂଗ୍ରାମ କରି ନ୍ୟାୟ ଓ ଧର୍ମର ପ୍ରତିଷ୍ଠା କରି ଯାଇଛନ୍ତି, ସେହିପରି ମା ଶକ୍ତିମୟୀ ଦୁର୍ଗା ସନ୍ତୁମାନଙ୍କୁ ଅନ୍ୟାୟ, ଅଧର୍ମ ଓ ବିପଦରୁ ଉଦ୍ଧାର କରିଅଛନ୍ତି । ଆର୍ଯ୍ୟମାନେ ଯେଉଁପୂଜା କରନ୍ତି ତାହା ସାଧାରଣତଃ ବୈଦିକ କର୍ମକାଣ୍ଡ ଉପରେ ପ୍ରତିଷ୍ଠିତ । ମା'ଦୁର୍ଗାଙ୍କର ପୂଜା ଓ ଆରାଧନା ସେହି ବେଦାନୁମୋଦିନ । ଋଗ୍‌ବେଦ ସଂହିତାର ଚତୁର୍ଥ ଅଧ୍ୟାୟର ୧୪ଟି ମନ୍ତ୍ର ରହିଅଛି । ପ୍ରତ୍ୟେକ ମନ୍ତ୍ରରେ ପ୍ରାୟ ଦୁର୍ଗାଙ୍କର ସ୍ତବ ରହିଅଛି, ତାହାର ପ୍ରଥମ ମନ୍ତ୍ରଟି ହେଲା–' *ସ୍ତୋଷ୍ୟାମି ପ୍ରୟତୋ ଦେବୀଂ ଶରଣ୍ୟା ବହୁଚ ପ୍ରିୟାମ୍ ।ସହସ୍ର ସମିତାଂ ଦୁର୍ଗାଂ ଜାତବେଦସେ ସୁନବାମ ସୋମମ୍ ।*' ଅର୍ଥାତ୍ ମୁଁ ଶାନ୍ତିଚି□ରେ ଦେବୀ ଦୁର୍ଗାଙ୍କର ସ୍ତବ କରିବି । ସେ ଋଗ୍ ବେଦର ମନ୍ତ୍ର ଶୁଣିବାକୁ ଭଲ ପାଆନ୍ତି । ସେ ସହସ୍ର ଦେବୀଙ୍କ ଶକ୍ତିରେ ବିମଣ୍ଡିତ । ଏହି ମନ୍ତ୍ର ପାଠକରି ମୁଁ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ଅଗ୍ନିଦେବଙ୍କୁ ସୋମରସ ଆହୁତି ପ୍ରଦାନ କରିବି । ଋଗ୍‌ବେଦର ଶେଷ ମନ୍ତ୍ରଟି ହେଲା- "*ଦୁର୍ଗାଦୂର୍ଗେଷୁ ସ୍ଥାନେଷୁ ଶଂ ଯେ ଦେବୀର ଭୀଷ୍ଟୟେ, ଯଇମଂ ଦୁର୍ଗାସ୍ତବଂ ପୂଣ୍ୟଂ ରାତ୍ରୋ ରାତ୍ରୋ ସଦା ପଠେତ୍ ।।*" ଏହି ଦୁର୍ଗାସ୍ତବ ପ୍ରତିଦିନ ପାଠ କଲେ ଦୁର୍ଗା ତାହାର ଦୁର୍ଗମ ପଥକୁ ସୁଗମ କରନ୍ତି । ଋଗ୍ ବେଦରୁ ଆନୀତି ଦେବୀସୂକ୍ତ ଓ ରାତ୍ରସୁକ୍ତରେ ଶକ୍ତିଦେବୀଙ୍କର ପୂଜା ଓ ଆରାଧନା ସମ୍ବନ୍ଧରେ ଉଲ୍ଲେଖ ଅଛି । "ଯେ ଦେବୀ ଆତ୍ମଶକ୍ତିର ଦ୍ୱାରା ଜଗତ୍ ପରିବ୍ୟାପ୍ତ କରିଅଛନ୍ତି, ସମସ୍ତ ଦେବତାମାନଙ୍କର ଶକ୍ତି ଯାହାଙ୍କ ମଧ୍ୟରେ ରହିଅଛି, ସମସ୍ତ ଦେବ ଓ ମହର୍ଷିମାନଙ୍କ ଦ୍ୱାରା ପୂଜିତ ସେହି ଅମ୍ବିକାଙ୍କୁ ଆମ୍ଭେମାନେ ଭକ୍ତିପୂର୍ବକ ପ୍ରଣାମ କରୁଅଛୁ, ସେ ଆମ୍ଭମାନଙ୍କର ମଙ୍ଗଳବିଧାନ କରନ୍ତୁ । ସେହିମା' ହେଉଛନ୍ତି ଦେବମାତା, ପରାତ୍‌ପରା, ପ୍ରଣବ ସ୍ୱରୁପା । ସେ ମା' ସଚ୍ଚିଦାନନ୍ଦ ରୂପିଣୀ ସମସ୍ତ ବେଦ–ବେଦାନ୍ତ ଓ ଉପନିଷଦ ଦ୍ୱାରା ଜ୍ଞେତା । ତାଙ୍କର ମସ୍ତକରେ ତେଜ ମଣ୍ଡିତ ସ୍ୱର୍ଗ, ଲଲାଟରେ ରୁଦ୍ର, ହୃଦୟରେ ମେଘ, ଚକ୍ଷୁରେ ଚନ୍ଦ୍ର ଓ କର୍ଣ୍ଣ ଦୁଇଟିରେ ଶୁକ୍ର ଓ ବୃହସ୍ପତି, ନାସିକାରେ ଦନ୍ତପଂକ୍ତିରେ ଅଶ୍ୱନୀକୁମାରଦ୍ୱୟ, ଅଧରରେ ସନ୍ଧ୍ୟା, ମୁଖରେ ଅଗ୍ନି, ଜିହ୍ୱାରେ ସରସ୍ୱତୀ, ଗ୍ରୀବାରେ ସାଧଗଣ, ସ୍ତନଦ୍ୱୟରେ ଅଷ୍ଟବସ୍ତୁ, ବାହୁ ଯୁଗଳରେ ମରଦ୍‌ଗଣ, ହୃଦୟରେ ପର୍ଜନ୍ୟଦେବ, ଉଦରରେ ଆକାଶ, ନାଭିରେ ଅନ୍ତରିକ୍ଷ, କଟିଦେଶରେ ଦଇ, ଜଙ୍ଘରେ ପ୍ରଜାପତି, ଉରରେ କୈଳାସ, କାନୁରେ ବିଶ୍ୱଦେବତା ବୃନ୍ଦ, ପାଦରେ ପିତୃଦେବଗଣ, ନିମ୍ନପାଦରେ ବନସ୍ପତି ସକଳ, ଲୋମ ସମୁହରେ ଋଷିଗଣ, ନଖରେ ମୁହୂର୍ତଗଣ, ରକ୍ତ ମାଂସରେ ଋଷରତ୍ନ, ଆଚ୍ଛାଦନରେ ସମ୍ପତ୍ରର ରହିଅଛନ୍ତି । ସେହି ଦେବମାତା ଶକ୍ତିରୂପୀ ମା' ଦୁର୍ଗାଙ୍କୁ ଭକ୍ତିର ପ୍ରଣତି ଜଣାଇ ବିଶ୍ୱର ମଙ୍ଗଳ ପାଇଁ ପ୍ରାର୍ଥନା କରିବା ପ୍ରୟୋଜନ ।

*ସଂପାଦକ,ମାର୍ଗଦର୍ଶୀ, ଭଗତ୍ ଲେନ୍ , ମେନ୍ ରୋଡ଼୍, ଖୋର୍ଦ୍ଧା,୮୮୯୫୫୪୭୪୯୦*

# ନବରାତ୍ରୀର ନବଶକ୍ତି

◆ କୃଷ୍ଣପ୍ରିୟା ତ୍ରିପାଠୀ

ଋତୁ ଶରତ । ପାର୍ବଣର ପର୍ବ । ଗିରିବନ ନଦନଦୀରେ ନିର୍ମଳକାନ୍ତି । ଶୁଭ୍ର ଆକାଶରେ ବାଦଲର ବନ୍ୟା । ବିଲମାଳରେ କାଶତଣ୍ଡୀର ଫେନିଳ ରାହାସ । ପବନରେ ମା'ଙ୍କ ଆଗମନର ଗୀତିକା । ମା' ଆସୁଛନ୍ତି । ଧରାପୃଷ୍ଠକୁ ଆସୁଛନ୍ତି ଶକ୍ତି, ମହାଶକ୍ତି । ସୃଷ୍ଟିର ଆଧାର । ଆଜି ଠାରୁ ଆରମ୍ଭ ହେଉଛି ମା' ଦୁର୍ଗାଙ୍କ ନବରାତ୍ରୀ ଉତ୍ସବ ମହାମାୟୀ ଏ ନବଦିନ ଭିନ୍ନ ଭିନ୍ନ ସ୍ୱରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି

**ଶୈଳପୁତ୍ରୀ :** ଶାରଦୀୟ ନବରାତ୍ରର ପ୍ରଥମ ଦିନ ମା' ଦୁର୍ଗାଙ୍କ ପ୍ରଥମ ସ୍ୱରୂପ ଶୈଳପୁତ୍ରୀଙ୍କୁ ପୂଜା କରାଯାଏ । ଶୈଳରାଜ ହିମାଳୟର ପୁତ୍ରୀ ରୂପରେ ଜନ୍ମ ନେଇଥିବାରୁ ମା'ଶୈଳପୁତ୍ରୀ ନାମରେ ବିଖ୍ୟାତ ହେଲେ । ମା'ହେଉଛନ୍ତି ତ୍ରିଦେବଙ୍କ ମୂଳ ଶକ୍ତି ସ୍ୱରୂପା । ମା'ଙ୍କ ବାହନ ବୃଷଭ, ଡାହାଣହସ୍ତରେ ତ୍ରିଶୂଳ ଓ ବାମହସ୍ତରେ ପଦ୍ମ ଶୋଭାପାଏ । ମା'ଶୈଳପୁତ୍ରୀଙ୍କୁ ପୂଜା କରିବା ଦ୍ୱାରା ମୂଳାଧାର ଚକ୍ର ଜାଗ୍ରତ ହୋଇଥାଏ । ଏହାଦ୍ୱାରା ଅନେକ ଉପଲବ୍ଧି ପ୍ରାପ୍ତ ହୁଏ । ସାଧକର ସମସ୍ତ ଭୌତିକ ଓ ଆଧାତ୍ମିକ ମନସ୍କାମନା ପୂରଣ କରନ୍ତି ମା'ଶୈଳପୁତ୍ରୀ ।

**ମହାଗୌରୀ :** ମା'ଦୁର୍ଗାଙ୍କ ଅଷ୍ଟମ ଶକ୍ତିର ନାମ ମହାଗୌରୀ । ଦେବୀ ମହାଗୌରୀ ଭକ୍ତର ସମସ୍ତ ମନୋବାଞ୍ଛା ପୂରଣ କରନ୍ତି । ମା'ଙ୍କ ଆରାଧନାରେ ଭକ୍ତର ଜନ୍ମଜନ୍ମାନ୍ତର ପାପ ଧୋଇଯାଏ । ବୃଷାରୂଢ଼ା ଚତୁର୍ଭୁଜା ମା' ଶୁଭ୍ରବାସନା । ମା'ଙ୍କ ଆୟୁ ଆଠବର୍ଷ ବୋଲି କୁହାଯାଏ । ଡାହାଣ ଉର୍ଦ୍ଧ୍ୱହସ୍ତ ଅଭୟ ମୁଦ୍ରାରେ ଓ ଅନ୍ୟଟିରେ ମା'ତ୍ରିଶୂଳ ଧାରଣ କରିଛନ୍ତି । ବାମ ଉର୍ଦ୍ଧ୍ୱହସ୍ତରେ ଡମ୍ବରୁ ଓ ଅନ୍ୟ ହସ୍ତଟି ବରଦ ମୁଦ୍ରାରେ ଥାଏ । ଗୋସ୍ୱାମୀ ତୁଳସୀ ଦାସଙ୍କ ଅନୁସାରେ, ଶିବଙ୍କୁ ପାଇବା ପାଇଁ କଠୋର ତପସ୍ୟା କରିଥିବାରୁ ମା'ଙ୍କ ଶରୀର କଳା ପଡ଼ିଗଲା । ମହାଦେବ ପ୍ରସନ୍ନ ହୋଇ ପବିତ୍ର ଗଙ୍ଗାଜଳରେ ଧୋଇବା ପରେ ମା'ଙ୍କ ରଙ୍ଗ କାନ୍ତିମୟ ଓ ଅତ୍ୟନ୍ତ ଗୌର ହେଲା । ଦେବୀଙ୍କୁ ଧ୍ୟାନ କଲେ ସମସ୍ତ ସଙ୍କଟରୁ ମକ୍ତି ମିଳେ । ଧନ, ସମ୍ପତି ଓ ଶ୍ରୀ ବୃଦ୍ଧି ହୋଇଥାଏ ।



**ବ୍ରହ୍ମଚାରିଣୀ :** ମା'ଦୁର୍ଗାଙ୍କ ନବଶକ୍ତିର ଦ୍ୱିତୀୟ ସ୍ୱରୂପ ହେଉଛି ବ୍ରହ୍ମଚାରିଣୀ । ବ୍ରହ୍ମଚାରିଣୀ ଦେବୀଙ୍କ ସ୍ୱରୂପ ପୂର୍ଣ୍ଣ ଜ୍ୟୋତିର୍ମୟ ଏବଂ ଅତ୍ୟନ୍ତ ଭବ୍ୟ । ଡାହାଣହସ୍ତରେ ଜପମାଳା ଏବଂ ବାମହସ୍ତରେ ମା'ଧାରଣ କରିଛନ୍ତି କମଣ୍ଡଳୁ । ନାରଦଙ୍କ ଉପଦେଶରେ ମହାଦେବଙ୍କୁ ପାଇବା ପାଇଁ ମା' କଠୋର ତପସ୍ୟା କରିଥିଲେ । ସେଥିପାଇଁ ତାଙ୍କୁ ବ୍ରହ୍ମଚାରିଣୀ ନାମରେ ଅଭିହିତ କରାଗଲା । ମା'ଙ୍କର ଏହି ସ୍ୱରୂପ ଅନନ୍ତ ଫଳଦାୟୀ ଅଟେ । ତାଙ୍କ ଉପାସନାରୁ ମନୁଷ୍ୟ ଠାରେ ତପ, ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମ ବୃଦ୍ଧିପାଏ । ସର୍ବତ୍ର ସିଦ୍ଧି ଓ ବିଜୟ ପ୍ରାପ୍ତିହୁଏ ।

**କାତ୍ୟାୟନୀ :** ନବରାତ୍ରୀର ଷଷ୍ଠ ଦିବସରେ ମା' କାତ୍ୟାୟନୀଙ୍କୁ ପୂଜା କରାଯାଏ । ଋଷି କାତ୍ୟାୟନ ଭଗବତୀ ଦୁର୍ଗାଙ୍କର ଏକ ସ୍ୱତନ୍ତ୍ର ତଥା ଶକ୍ତିଶାଳୀ ସ୍ୱରୂପର ସର୍ବପ୍ରଥମ ଆରାଧନା କରିଥିଲେ । ତାଙ୍କ ନାମାନୁସାରେ ଦେବୀଙ୍କ ନାମ କାତ୍ୟାୟନୀ ହୋଇଛି । ମା'ଙ୍କ ସ୍ୱରୂପ ଅତ୍ୟନ୍ତ ଦିବ୍ୟ, ବର୍ଣ୍ଣ ସ୍ୱର୍ଣ୍ଣସମ ଚମକଦାର । ଚତୁର୍ଭୁଜା ମା'ଙ୍କ ଡାହାଣ ଉର୍ଦ୍ଧ୍ୱହସ୍ତ ଅଭୟ ମୁଦ୍ରା ଓ ନିମ୍ନହସ୍ତ ବରଦ ମୁଦ୍ରାରେ ଅଛି । ବାମ ଉର୍ଦ୍ଧ୍ୱହସ୍ତରେ ଖଣ୍ଡା ଓ ନିମ୍ନହସ୍ତରେ ମା' ପଦ୍ମଫୁଲ ଧାରଣ କରିଛନ୍ତି । ଶତ୍ରୁ ବିନାଶ ପାଇଁ ଦେବୀଙ୍କୁ ଆରାଧନା କରାଯାଏ । ସିଂହବାହିନୀ ମା'ଙ୍କ ଚରଣରେ ସର୍ବସ୍ୱ ସମର୍ପଣ କରିଦେଲେ ମା'ଙ୍କ ଦର୍ଶନ ହୋଇ ଥାଏ । ମା'ଙ୍କୁ ଭକ୍ତି କଲେ ଅର୍ଥ କର୍ମ, କାମ, ମୋକ୍ଷ ପ୍ରାପ୍ତି ହୋଇଥାଏ

**କୁଷ୍ମାଣ୍ଡା :** ମା'ଙ୍କ ଚତୁର୍ଥ ସ୍ୱରୂପର ନାମ କୁଷ୍ମାଣ୍ଡା । ମନ୍ଦହାସ୍ୟ ଓ ବ୍ରାହ୍ମାଣ୍ଡ ଉତ୍ପନ୍ନ କରିବା ହେତୁ ମା' କୁଷ୍ମାଣ୍ଡା ଦେବୀ ଭାବେ ପ୍ରସିଦ୍ଧ । ମା'ସୃଷ୍ଟିର ଆଦିସ୍ୱରୂପା ଓ ଆଦିଶକ୍ତି । ସୂର୍ଯ୍ୟମଣ୍ଡଳର ଅନ୍ତଃଲୋକରେ ମା'ଙ୍କ ନିବାସ । ମା'ଙ୍କ ପୂଜା କଲେ ଭକ୍ତର ସମସ୍ତ ରୋଗ ନାଶହୁଏ । ମା'ଙ୍କ କୃପାରୁ ଆୟୁ, ଯଶ, ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ହୁଏ । ମା'ଙ୍କୁ ଅଷ୍ଟଭୁଜା କୁହାଯାଏ । ମା'ସାତଟି ଭୁଜରେ କମଣ୍ଡଳୁ, ଧନୁଷ, ବାଣ, କମଳ, ଅମୃତପୂର୍ଣ୍ଣ କଳସ ଚକ୍ର ଓ ଗଦା ଧାରଣ କରିଛନ୍ତି । ଅଷ୍ଟମହସ୍ତରେ ସମସ୍ତ ସିଦ୍ଧି ଓ ନିଧି ପ୍ରଦାନକାରୀ ଜପମାଳା ଧାରଣ କରିଛନ୍ତି । କୁଷ୍ମାଣ୍ଡା ଦେବୀ ଅଳ୍ପସେବା ଓ ଅଳ୍ପ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି ।

**ସ୍କନ୍ଦମାତା :** ନବରାତ୍ରୀର ପଂଚମ ଦିନରେ ମା' ସ୍କନ୍ଦମାତାଙ୍କୁ ପୂଜା କରାଯାଏ । କୁମାର କାର୍ତିକେୟ ହେଉଛନ୍ତି ସ୍କନ୍ଦ । ମା'ପାର୍ବତୀ କର୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା ବୋଲି କୁହାଯାଏ । ସ୍କନ୍ଦ ବାଳକ ରୂପରେ ମା'ଙ୍କ କୋଳରେ ବସିଛନ୍ତି । ମାତୃସ୍ୱରୂପିଣୀ ଦେବୀଙ୍କର ଚାରିଭୁଜ । ସେ କମଳରେ ବିରାଜିତା, ତେଣୁ ମା'ଙ୍କୁ ପଦ୍ମାସନା ଦେବୀ ମଧ୍ୟ କୁହାଯାଏ । ମା'ଙ୍କ ବାହନ ସିଂହ । ଗୌରବର୍ଣ୍ଣା ମାତାଙ୍କର ତିନୋଟି ନୟନ । ଭଗବତୀ ସ୍କନ୍ଦମାତାଙ୍କ ପୂଜାକଲେ ପରିବାରରେ ଅଶାନ୍ତି, କଳହ ଦୂର ହୋଇ ସୁଖଶାନ୍ତି ବିରାଜମାନ କରିଥାଏ । ଗୃହରେ କଳହ, ପରସ୍ପର ମଧ୍ୟରେ ଅବିଶ୍ୱାସ ଓ ଦ୍ୱେଷ ଦେଖାଦେଲେ ମା'ସ୍କନ୍ଦମାତାଙ୍କ ଶରଣାପନ୍ନ ହେବା ଆବଶ୍ୟକ । ମା'ଙ୍କ କୃପାରୁ ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ବଢ଼ିବା ସହ ସୁଖଶାନ୍ତି ଓ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ ।

**ସିଦ୍ଧିଦାତ୍ରୀ :** ମା'ଦୁର୍ଗାଙ୍କ ନବମ ଶକ୍ତି ହେଉଛନ୍ତି ସିଦ୍ଧି । ସେ ସିଦ୍ଧିଦାତ୍ରୀ । ମାର୍କଣ୍ଡେୟ ପୁରାଣ ଅନୁସାରେ ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାମ୍ୟ, ଈଶିତ୍ୱ ଓ ବିଶିତ୍ୱ ହେଉଛନ୍ତି ଅଷ୍ଟସିଦ୍ଧି । ଦେବୀ ପୁରାଣ ଅନୁସାରେ, ଏମାନଙ୍କ କୃପାରୁ ମହାଦେବ ସିଦ୍ଧିପ୍ରାପ୍ତ କରିଥିଲେ ଏବଂ ଶିବଙ୍କ ଅଧା ଶରୀର ଦେବୀଙ୍କର ହୋଇଥିଲା । ଏହି କାରଣରୁ ସେ ଅର୍ଦ୍ଧନାରୀଶ୍ୱର ନାମରେ ପ୍ରସିଦ୍ଧ । ଚତୁର୍ଭୁଜା ସିଂହବାହିନୀ ମା' ସିଦ୍ଧିଦାତ୍ରୀ ପଦ୍ମଫୁଲ ଉପରେ ବିରାଜିଛନ୍ତି । ପ୍ରସନ୍ନବଦନା ମା'ଙ୍କ ଆରାଧନାରେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁଃବର୍ଗ ଫଳପ୍ରାପ୍ତି ହୁଏ । ଭଗବତୀ ସିଦ୍ଧିଦାତ୍ରୀଙ୍କ ଧ୍ୟାନ, ସ୍ତୋତ୍ର ଓ କବଚ ପାଠ କଲେ ନିର୍ବାଣ ଚକ୍ର ଜାଗ୍ରତ ହୁଏ ।

**ଚନ୍ଦ୍ରଘଂଟା :** ନବରାତ୍ରୀର ତୃତୀୟ ଦିନ ମା'ଦୁର୍ଗାଙ୍କ ତୃତୀୟ ଶକ୍ତି ଚନ୍ଦ୍ରଘଂଟାକୁ ପୂଜା କରାଯାଏ । ମା'ଙ୍କ ଏହି ସ୍ୱରୂପ ଶାନ୍ତିଦାୟକ ଏବଂ କଲ୍ୟାଣକାରୀ । ମା'ଙ୍କ ମଥାରେ ଘଂଟା ଅକୃତିର ଅର୍ଦ୍ଧଚନ୍ଦ୍ର ରହିଛି । ସେଥିପାଇଁ ତାଙ୍କୁ ଚନ୍ଦ୍ରଘଂଟା କୁହାଯାଏ । ମା'ଙ୍କ ଶରୀର ସ୍ୱର୍ଣ୍ଣିସମ ଉଜ୍ଜ୍ୱଳ ଏବଂ ମା'ହେଉଛନ୍ତି ଦଶଭୁଜା । ମା'ଙ୍କ ବାହନ ସିଂହ । ତାଙ୍କ ମୁଦ୍ରା ସର୍ବଦା ଯୁଦ୍ଧ ପାଇଁ ଉଦ୍ୟତ । ତାଙ୍କ ଘଂଟର ଭୟଙ୍କର ଘଂଟଧ୍ୱନିକୁ ଦାନବ, ଅତ୍ୟାଚାରୀ, ଦୈତ୍ୟ, ରାକ୍ଷସ ଭୟ କରନ୍ତି । ମା'ଙ୍କ କୃପାରେ ମନୁଷ୍ୟକୁ ଅଲୌକିକ ଦର୍ଶନ ହୁଏ ଓ ବାଧାବିଘ୍ନ ନାଶଯାଏ । ମା'ଙ୍କ ଦର୍ଶନ ସର୍ବଦା ସୌମ୍ୟ ଓ ଶାନ୍ତିପ୍ରଦାୟକ । ମା'ଙ୍କ ଆରାଧନାରୁ ସମସ୍ତ ସାଂସାରିକ କଷ୍ଟ ଦୂର ହେବା ସହ ବ୍ୟକ୍ତି ପରମପଦର ଅଧିକାରୀ ହୁଏ ।

**କଳାରାତ୍ରୀ :** ମା'ଙ୍କ ନବଶକ୍ତିର ସପ୍ତମ ସ୍ୱରୂପ ହେଉଛନ୍ତି ମା' କାଳରାତ୍ରି । ଭଗବତୀ ଦୁର୍ଗାଙ୍କର ସବୁଠାରୁ ଭୟଙ୍କର ଓ ହିଂସାତ୍ମକ ରୂପ ହେଉଛନ୍ତି ଦେବୀ କାଳରାତ୍ରି । କିନ୍ତୁ ମା' ସର୍ବଦା ଶୁଭ ଫଳଦାୟିନୀ । ଶରୀର ରଙ୍ଗ ଘନକଳା । ମୁକ୍ତଶୀ ମା'ଙ୍କ ଗଳରେ ବିଦ୍ୟୁତ୍ ଭଳି ଚମକୁଥାଏ ମାଳା । ମା'ଙ୍କର ତିନିଟି ନେତ୍ର, ଯାହା ବ୍ରହ୍ମାଣ୍ଡ ଭଳି ଗୋଲ । ଶ୍ୱାସ, ନିଃଶ୍ୱାସରୁ ଭୟଙ୍କର ଅଗ୍ନିଜ୍ୱାଳା ନିର୍ଗତ ହେଉଥାଏ । ମା'ଙ୍କ ବାହନ ଗର୍ଧ । ଉର୍ଦ୍ଧ୍ୱକୁ ଥିବା ମା'ଙ୍କର ଡାହାଣହସ୍ତ ବରଦ ମୁଦ୍ରାରେ ଭକ୍ତଜନଙ୍କୁ ବରଦାନ କରେ ଓ ନିମ୍ନହସ୍ତ ଅଭୟମୁଦ୍ରାରେ ରହିଛି । ବାମ ଉର୍ଦ୍ଧ୍ୱହସ୍ତ ଲୁହାକଂଟା ଓ ନିମ୍ନହସ୍ତରେ ମା'ଖଡ୍‌ଗ ଧାରଣ କରିଛନ୍ତି । ସଂସାରର ଦୁଃଶକ୍ତି ଦମନ ପାଇଁ ମା'ଙ୍କର ଏହି କରାଳ ରୂପ ।

*କିରଣ ପାରିଜାତ ଏନକ୍ଲେଭ, କ୍ୟାଂଟେନମେଂଟ ରୋଡ଼, କଟକ*

# ନିଶାମୁକ୍ତ ଭାରତ ଅଭିଯାନ ଓ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ

## ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ : ଛାତ୍ରଛାତ୍ରୀଙ୍କୁ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତ ସହ ଏକ ସୁସ୍ଥ ଓ ନିଶାମୁକ୍ତି ସମାଜ ଗଠନ ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ବନ୍ତ ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତି ଭାରତ ଅଭିଯାନ (NMBA) ଏବଂ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ପ୍ରଶାସନ ଓ ପୋଲିସ ଅଧିକାରୀ ଯୋଗ ଦେଇ ନିଶାମୁକ୍ତ ବିଦ୍ୟାଳୟ ଓ ତମ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ କାର୍ଯ୍ୟକ୍ରମ ମାଧ୍ୟମରେ ରେ ଛାତ୍ରଛାତ୍ରୀଙ୍କୁ ତମାଖୁ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର ଶାରୀରିକ, ମାନସିକ ସ୍ତରରେ ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ନିଜ ପରିବାର ଓ ସମାଜ ମଧ୍ୟରେ ନିଶାମୁକ୍ତିର ବାର୍ତ୍ତା ପ୍ରଚାର କରିବା, ବିଦ୍ୟାଳୟ ସ୍ୱରରୁ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା ଏ ଏବଂ ତମାଖୁମୁକ୍ତ ଥମୁକ୍ତ ଶିକ୍ଷାନୁଷ୍ଠାନର ପରିବେଶ ଗଠ ଶ ଗଠନ କରିବା ଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେ ଦ୍ଦେଶ୍ୟ । ଏଭଳି ପଦକ୍ଷେପ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରଖିବା ସହ ଏକ ସୁସ୍ଥ, ସଚେତନ ଓ ନିଶାମୁକ୍ତ ଭାରତ ଗଠନରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ଗୁରୁତ୍ୱ ଆରୋପ କରିଥିଲେ ।

# ଓଡ଼ିଶା ସେବା ପ୍ରଥମ ନବ ସୃଜନ ସଚେତନତା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା (ସ୍ୱପ୍ର): ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଶିଳ୍ପ କେନ୍ଦ୍ର (DIC), ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଜିଲ୍ଲା ପ୍ରଶାସନ ମିଳିତ ପ୍ରୟାସରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଓଡ଼ିଶା ସେବା ପ୍ରଥମ ନବ ସୃଜନ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲାମାଜିଷ୍ଟ୍ରେଟ୍‌ଶ୍ରୀ ହେମକାନ୍ତ ସାଏମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଶ୍ରୀ ଦିନେଶ ଶଙ୍କର ହୋତାସମସ୍ତ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଭାଗ୍ୟଲକ୍ଷ୍ମୀ ରାଉତ, ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ, ନିରଞ୍ଜନ



ପଣ୍ଡା, ଡି.ପି.ସି. ମିଶନ ଶକ୍ତି, ମଧୁସ୍ମିତା ଭୂୟାଁ, ପି.ଏମ୍. ଲାଇଭ୍‌ହୁଡ୍, କାନ୍ଦନ ମାଝୀ, ଟି.ଟି.ଆଇ. ଅଧ୍ୟକ୍ଷ, ତକତପୁର, ନିରୋଜ କୁମାର ପଣ୍ଡା, ମୟୂରଭଞ୍ଜ ଚାମ୍ବର୍ ଅଫ୍ କମର୍ସର ସଭାପତି ଏବଂ ସୌମ୍ୟରୂପ ଦାସ, ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଗଠନର ସମ୍ପାଦକ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଆଲୋଚନା ଓ ଅତିଥିଙ୍କ ବକ୍ତବ୍ୟ:କାର୍ଯ୍ୟକ୍ରମର ମୁଖ୍ୟ ଆଲୋଚ୍ୟ ବିଷୟ ମୟୂରଭଞ୍ଜ ଜିଲ୍ଲା ପାଇଁ 'ଓଡ଼ିଶା ସେବା ଫାଷ୍ଟ ଇନୋଭେସନ୍ ଚ୍ୟାଲେଞ୍ଜ' (OSFIC ୨୦୨୬) ଉପରେ ପର୍ଯ୍ୟବସିତ ଥିଲା ।ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାଏ ଉପସ୍ଥିତ ଯୁବବର୍ଗଙ୍କୁ ସମ୍ବୋଧିତ କରି ମୟୂରଭଞ୍ଜ ଜିଲ୍ଲାରେ ଯୁବ ନବସୃଜନ (Youth Innovation) ଏବଂ ନୂତନ ଷ୍ଟାର୍ଟଅପ୍ ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଭବିଷ୍ୟତର ଆହ୍ୱାନ ମୁକାବିଲାରେ କାର୍ଯ୍ୟକ୍ରମର ଉପାଦେୟତା: ଆଗାମୀ ଦିନରେ ସରକାରୀ ସେବା ପ୍ରଦାନ ଏବଂ ସାମାଜିକ-ଆର୍ଥିକ ବିକାଶ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଜଟିଳ ଆହ୍ୱାନଗୁଡ଼ିକୁ ସମାଧାନ କରିବାରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସହାୟକ ହେବ । ସ୍ଥାନୀୟ ଯୁବପିଢ଼ିଙ୍କ ମୌଳିକ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ସମାଜର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ବାହାର କରାଯାଇ ପାରିବ, ଯାହାକି ଜିଲ୍ଲାର ପ୍ରଗତିକୁ ଆହୁରିତ୍ୱରାନ୍ୱିତ କରିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମସ୍ତ ସହାୟକ ଶିଳ୍ପ ଅଧିକାରୀମାନେ ଉପସ୍ଥିତରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ନୂଆ ପରିବାର ପାଇଲା ଶିଶୁକନ୍ୟା ସ୍ୱପ୍ନା

ଭଦ୍ରକ : ନୂଆବଜାରସ୍ଥିତ ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟ କ୍ରମ ଜିଲ୍ଲାପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଛି । ପାଂଚ ମାସର ଶିଶୁକନ୍ୟା ବେଙ୍ଗାଲୁରୁର ୪୦ ବର୍ଷୀୟା ଏକକ ପୋଷ୍ୟଗ୍ରାହୀ ମାତା ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି । ଏହା ଫଳରେ ଶିଶୁକନ୍ୟାଟି ଏକ ନୂତନ ପରିବାରରେ ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷା ମଧ୍ୟରେ ବଢ଼ିବାର ସୁଯୋଗ ପାଇଛି । କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବଳ ପ୍ରାଧିକରଣର ନିର୍ଦ୍ଦେଶାବଳୀ ଓ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଏହି ପୋଷ୍ୟ ସନ୍ଧାନ ଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଶିଶୁକନ୍ୟାଟିକୁ ପୋଷ୍ୟ ଷ୍ୟ ମାତାଙ୍କ ହସ୍ତରେ ଔପଚାରି ଚାରିକ ଭାବେ ହସ୍ତାନ୍ତର କରିଥିଲେ । ଏହି ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ?ର ଶିଶୁ ସୁରକ୍ଷା ଅଧିକାର ଅବିନାଶ ମହାନ୍ତି, ଅଣ-ଆନୁଷ୍ଠାନିକ ଅଧିକାରିଣ ସ୍ୱାଗତିକା ବାରିକ, ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ, ଶିଶୁକନ୍ୟା ସ୍ୱପ୍ନାଙ୍କ ଜୀବନରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିଛି । ଏକ ସ୍ନେହପୂର୍ଣ୍ଣ, ସୁରକ୍ଷିତ ଚାରିକ ପରିବେଶରେ ଓ ସହଯୋଗପୂର୍ଣ୍ଣ ପୂର୍ଣ୍ଣ ପାରିବାରି ଶିଶୁଟିର ସାମଗ୍ରିକ ବିକାଶ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ଉଠିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଣ-ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ଆଶାବ୍ୟକ୍ତି କରିଛନ୍ତି ।ଶିଶୁମାନଙ୍କୁ ସୁରକ୍ଷିତ ପାରିବାରିକ ପରିବେଶ ପ୍ରଦାନ କରିବା ଉତମ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ପୋଷ୍ୟ ସନ୍ଧାନ ଗ୍ରହଣ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ଇ-ବର୍ଜ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦେଇ ସ୍ୱଚ୍ଛତା ଅଭିଯାନ ଜାରି ରଖିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର: ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ ୨୦୨୬ ଏବଂ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି । ଏହି ଅଭିଯାନରେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ (ଇ-ବର୍ଜ୍ୟ)ର ଉପଯୁକ୍ତ ନିଷ୍କାସନ, ଦୀର୍ଘଦିନ ଧରି ଜମା ହୋଇ ରହିଥିବା ବର୍ଜ୍ୟବସ୍ତୁର ଅପସାରଣ ଏବଂ ରେଳ ପରିସରକୁ ସ୍ୱଚ୍ଛ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପରିବେଶ ସୁରକ୍ଷା ଓ ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଅଭିଯାନ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥର ସମସ୍ତ କ୍ଷେତ୍ରରେ ଜାରି ରହିବ । ସ୍ୱଚ୍ଛତା ଅଭିଯାନ ଅଧୀନରେ କାର୍ଯ୍ୟାଳୟ ପରିସରରୁ ଇ-ବର୍ଜ୍ୟ ଏବଂ ପୁରୁଣା ଫାଇଲ୍‌ଗୁଡ଼ିକର ଉପଯୁକ୍ତ ନିଷ୍କାସନ ଓ ଅପସାରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ଅଦରକାରୀ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଅବ୍ୟବହୃତ ପୁରୁଣା ରେକର୍ଡଗୁଡ଼ିକର ସୁଚାରୁ ପରିଚାଳନା ସହ କାର୍ଯ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ଉନ୍ନତ ବର୍ଜ୍ୟ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ । ଏଥିସହ କାର୍ଯ୍ୟାଳୟ ପରିସରରେ ଯାନ୍ତ୍ରିକ ପଦ୍ଧତିରେ ସଫେଇ ଏବଂ ରେଳଧାରଣା ପାର୍ଶ୍ୱରେ ଜମା ହୋଇଥିବା ବର୍ଜ୍ୟବସ୍ତୁର ଅପସାରଣ କାର୍ଯ୍ୟ ମଧ୍ୟ କରାଯାଉଛି । ନୂତନ ପିଢ଼ି ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପିଲାମାନଙ୍କ ପାଇଁ କୁଇଜ୍, ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି । ଅନ୍ୟପକ୍ଷରେ, ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ ଅଧୀନରେ ରାୟଗଡ଼ା, ବଲାଙ୍ଗିର, ବରପାଲି ଓ ଟିଟିଲାଗଡ଼ ଆଦି ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଯାତ୍ରୀ ଓ ସାଧାରଣ ଜନତା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ଷ୍ଟେସନରେ ଉପଲବ୍ଧ ସୁବିଧା, ଟ୍ରେନ୍‌ର ସ୍ୱଚ୍ଛତା ଏବଂ ଯାତ୍ରୀ ସେବା ସମ୍ପର୍କରେ ନିଜର ଅନୁଭୂତି, ମତାମତ ଓ ପରାମର୍ଶ ଦେବାର ସୁଯୋଗ ପାଇଥିଲେ । ଯାତ୍ରୀମାନଙ୍କଠାରୁ ମିଳିଥିବା ମତାମତ ଆଧାରରେ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ । ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ ପୂର୍ବତଟ ରେଳପଥ ବର୍ଜ୍ୟବସ୍ତୁର ଦାୟିତ୍ୱପୂର୍ଣ୍ଣ ପରିଚାଳନା, ରେଳ ପରିସରରେ ସ୍ୱଚ୍ଛତାର ଉନ୍ନତି ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି ରଖିଛି ।

# ପି ସି ପୁର କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ

ବାରିପଦା (ସ୍ୱପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ପି ସି ପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ୧୫ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଓ ସି ଆର ସି ସି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନୁଜା ମାଧୁରୀ ଦାସ ଉଦଘାଟନ କରିବା ସହ ସୁରଭି କାର୍ଯ୍ୟକ୍ରମ ଶିଶୁ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ



ଅତିଥି ଭାବେ କମଳାନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦେବୀ ସାୟାନ ଓ ରାଖାଲଗୋପ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତିମା ରାଣୀ ଦାଶ ଉପସ୍ଥିତ ଥିଲେ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକୁମାର ରାଉତ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଓ ଏଲ ଆଇ ସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ୫ଟି ପ୍ରାଥମିକ, ୫ଟି ଉଚ୍ଚ ପ୍ରାଥମିକ, ୨ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ବିଦ୍ୟାଳୟରୁ ୧ମ ସ୍ଥାନ ଅଧିକାର କରି ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ସଂଗୀତ, ହସ୍ତାକ୍ଷର, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, କୁଇଜ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଜୁନିୟର ଓ ସିନିୟର ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ୧ମ ସ୍ଥାନ ଅଧିକାର କରିଥିବା ୨୫ ଜଣ ଓ ଦଳଗତ ନୃତ୍ୟରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧ମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି ଓ ଶିକ୍ଷକ ଗଣେଶ ବେହେରା ମଂଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିକଶିତ ଭାରତ ସଂକଳ୍ପ ସଭାରେ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କୁ କାର୍ଡ ବଂଟନ

ଭଦ୍ରକ : ବିକସିତ ଭାରତ ସଂକଳ୍ପ ଯାତ୍ରା ଓ ସେବା ଜୋତି ଯାତ୍ରା ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ୨୫ ବର୍ଷ ଜନସେବା ରୁ ରାଷ୍ଟ୍ର ସେବା କାର୍ଯ୍ୟକ୍ରମ ଭଦ୍ରକ ସହୀଦ ସ୍ମୃତି ଭବନ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି ।ଶାଳନ୍ଦୀ ନଦୀ ଘାଟ ରୁ ସେବା ଜୋତି ଯାତ୍ରା ବାହାରି ନଗର ପରିକ୍ରମା କରି ଥିଲା । ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶିତାଂସୁ ଶେଖର ମହାପାତ୍ର, ଜିଲ୍ଲା ସଭାପତି ଭଗବାନ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ବିଡ଼ିଓ ରଶ୍ମି ରଞ୍ଜନ ମଲିକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ପ୍ରମୁଖ ଯୋଗ ଦେଇଥିଲେ. । ୧୪୦ କୋଟି ଲୋକ ଙ୍କ ସେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନ ରାତି କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ୨୫ ବର୍ଷ ଧରି ରାଷ୍ଟ୍ର ର ମୁଖ୍ୟ ଭାବେ ଅହରହ ସେବା କରିବା, ୨୫ କୋଟି ଲୋକ ଙ୍କ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକଙ୍କୁ ସାମିଲ କରିବା,ଯୁବକ, ମହିଳା, କୃଷକ, ପ୍ରମୁଖ ବିଭିନ୍ନ ବର୍ଗର ଜନସାଧାରଣ ଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଥିବା ରୁ ଆଗାମୀ ୨୦୪୭ରେ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପ ନେବାକୁ ସାଂସଦ ବିଧାୟକ ପରାମର୍ଶ ଦେଇଥିଲେ । ଏହି ସମାବେଶରେ ସମସ୍ତେ ସଂକଳ୍ପ ପାଠ କରିଥିବା ବେଳେ କେନ୍ଦ୍ରୀୟ ଯୋଜନା ରେ ହିତାଧିକାରୀ ମାନଙ୍କୁ କାର୍ଡ ବଂଟନ କରାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଶାସନ ସମୟରେ ଦେଶରେ ବିଭିନ ଉନ୍ନୟନ ମୂଳକ କାର୍ଯ୍ୟ, ୩୭୦ ଧାରା, ସନ୍ତ୍ରାସ ବାଦ ଦମନ, ସ୍ୱଚ୍ଛ ଭାରତ, ସବ୍ କା ସାଥ ସବ୍ କା ବିକାଶ, ଆଦି ବିକାଶ ଧାରା କାର୍ଯ୍ୟ ଉପରେ ଖୁଦ୍ର ନାଟକ ପରିବେଷଣ ହୋଇଥିଲା ।

# ବିଶ୍ୱ ହାତଧୂଆ ଦିବସ ପାଳିତ



ଭୁବନେଶ୍ୱର : ବିଶ୍ୱ ହାତଧୂଆ ୨୦୨୬ ଅବକାଶରେ ଆକ୍ସନ୍‌ଏଡ୍ ଓ ସିସିଡବ୍ଲୁଡି ତରଫରୁ ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ୱାର୍ଡ ନଂ. ୯ ମଣ୍ଡପ ବସ୍ତିଠାରେ ଗୋଷ୍ଠିସ୍ତରୀୟ ସଚେତନତା ଓ ହାତଧୂଆର ପଦ୍ଧତି ଉପରେ ସଚେତନତା କରାଯାଇଅଛି । ବିଶେଷ କରି ସ୍ୱାସ୍ଥ୍ୟର ବିକାଶରେ ସାବୁନ୍‌ରେ ହାତ ଧୋଇବା ଜରୁରୀ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି । ହାତଧୂଆର ପଦ୍ଧତି ଉପରେ ଆଶାକର୍ମୀ ପ୍ରମିଳା ସାହୁ ଓ କଲ୍ୟାଣୀ ରାଉତ ଛଅ ସୋପାନର ପଦ୍ଧତି ଉପରେ ବୁଝାଇ ଥିଲେ । କାର୍ଯ୍ୟକ୍ରମକୁ ମାନସ ରଂଜନ ପ୍ରଧାନ, ସରସ୍ୱତୀ ପରିଡା, ମମତା ନାୟକ, ସ୍ୱର୍ଣ୍ଣପ୍ରିୟା ସେନାପତି ଓ ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ

ଜୟପୁର : (ହି.ସ.) ଆୟୁଷ୍ମାନ ଆରୋଗ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡେଙ୍ଗ ପଦର ଠାରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା ଉକ୍ତ କାର୍ଯ୍ୟ କ୍ରମରେ ସମୁଦାୟ ୫ଟି ପଂଚାୟତର ଗର୍ଭବତୀ ମହିଳା ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥିଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାର ପ୍ରାପ୍ତ ଅଧିକାରୀ ଡ. ଚିନ୍ମୟ କୁମାର ପ୍ରଧାନ ସମସ୍ତ ଗର୍ଭ ବତୀ ମା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଥିଲେ. ଶ୍ରୀମତୀ ସସ୍ମିତା ସେଠି ଫର୍ମାସିଷ୍ଟ ଶ୍ରୀ ଅଭୟ କୁମାର ଦାସ ଫାର୍ମାସିଷ୍ଟ ରୋଗୀ ମାନଙ୍କୁ ମେଡ଼ିସିନ ପ୍ରଦାନ କରିଥିଲେ ଶ୍ରୀମତୀ ମୁକ୍ତାମଣି ପ୍ରଧାନ ସେକ୍ଟର ପରିଦର୍ଶକା କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

# ଚଡେଇରଗଡା ଉ.ପ୍ରା. ବିଦ୍ୟାଳୟରେ ବୀରଗାଥା କାର୍ଯ୍ୟକ୍ରମ

ଭୁବନ : (ହି.ସ.)- ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଚଡେଇରଗଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ବୀରଗାଥା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାୟାଧର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଉପସଭାପତି ଭାରତୀ ଦେହୁରୀ, ସଭ୍ୟା କବିତା ସିଂ, ଦ୍ରୋପଦୀ ମହାରଣା, ପୂର୍ବତନ ସଭାପତି ସାଲମୋହନ କାଣ୍ଡୁଲୁନା ପ୍ରମୁଖ ଯୋଗଦେଇ ଅମର ଯବାନ, ସ୍ୱାଧୀନତା ସଂଗ୍ରାମୀ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା କରୁଥିବା ବୀର ସୈନିକ ମାନଙ୍କ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ବୀରଗାଥା ସମ୍ପର୍କିତ ଚିତ୍ରାଙ୍କନ, ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ ଉତ୍ସବକୁ ପରିଚାଳନା କରିଥିବା ବେଳେ ଶିଶୁ ସେବିକା ଜ୍ୟୋସ୍ନାମୟୀ ଦେହୁରୀ, ସଭ୍ୟା ଚନ୍ଦନୀ ଦେହୁରୀ, ପଙ୍କଜିନୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟ ଦାବ୍ରି ଠାରେ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ସୁରଭି - ୨୦୨୬ କାର୍ଯ୍ୟକ୍ରମ

ଖଡ଼ିଆଳ : ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ସୁରଭି ୨୦୨୬ କାର୍ଯ୍ୟକ୍ରମ ସୋମବାର ଦିନ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକର ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟ ଦାବ୍ରି ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମ ରେ ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟ ଦାବ୍ରିର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରହଲ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ କ୍ଲଷ୍ଟର ସିଆରସିସି ଶ୍ରୀଯୁକ୍ତ ବିରଂଚି ପ୍ରସାଦ ମେହେର ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକାମରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟା ଶ୍ରୀମତୀ ଲୋଚନେ ମାଝି ଦାବ୍ରି ଗ୍ରା. ପ. ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ ଦେବସି ହଂସ ନାଏବ ସରପଂଚ, ଅନୁରାଧା ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଦାବ୍ରି ୟୁପିଏସ୍ ଶିଶିର ପାଣିଗ୍ରାହୀ ମହୁଲଝରଣ ୟୁପିଏସ୍ ଜିତେନ୍ଦ୍ର କୁମାର ସାହୁ ରାମପୁର ଗୁମା ୟୁପିଏସ୍ ପରିଚାଳନା କମିଟି ର ସଭାପତି ଶ୍ରୀମାନ ଡୋଲାମଣି



ଜଗତ, ବିଦ୍ୟାଳୟ ପରିଚାଳନା କମିଟି ର ଅଧ୍ୟକ୍ଷା ଶ୍ରୀମତୀ ଛବିଲା ମାଝି ଯୋଗଦାନ କରିଥିଲେ । ସୁରଭି କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଶିଶୁ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇ ମୁଖ୍ୟ ସ୍ରୋତ କୁ ଆଣିବା । ଛାତ୍ରଛାତ୍ରୀ ମାନଙ୍କ ଭିତରେ ଥିବା ଅନ୍ତର୍ନିହିତ କଳା ସଂସ୍କୃତି ଓଡ଼ିଆ ଭାଷା , ବିତର୍କ , ବକ୍ତୃତା, ସଙ୍ଗୀତ, ନୃତ୍ୟ , ଚିତ୍ରାଙ୍କନ ଓ ପିଏମ ପୋଷଣ ଭଳି ବିଭିନ୍ନ ପ୍ରତିଯୋଗିତା ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ଦିର୍ଘବର୍ଷ ଧରି ଜାରି ରଖିଛନ୍ତି ବୋଲି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ଓସେପା ଓ ସମଗ୍ର ଶିକ୍ଷା ଅଭିଯାନ ମାଧ୍ୟମରେ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟ ର ଖେଳ ଶିକ୍ଷକ ଶ୍ରୀଯୁକ୍ତ ମକରଧ୍ୱଜ ରଣା ଗତ ଶୁକ୍ରବାର ଦିନ ନୂଆପଡ଼ା ଜିଲ୍ଲାର ଜିଲ୍ଲା ଶାରିରୀକ ଶିକ୍ଷା ଶିକ୍ଷକ ସଭାପତି ହୋଇଥିବାରୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଓ ମୁଖ୍ୟ ଅତିଥି ଙ୍କ ଠାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସେମାନେ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିବା ପାଇଁ କୁହାଯାଇଥିଲା । କାର୍ଯ୍ୟକ୍ରମରେ ଦାବ୍ରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଶ୍ରୀକର ଖଡିଆଲ ଓ ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟ ଦାବ୍ରି ର ସହ ସରକାରୀ ଶିକ୍ଷକ ଶ୍ରୀମାନ ସୁଶାନ୍ତ କୁମାର ମେହେର ମଂଚ ପରିଚାଳନା କରିଥିବା ବେଳେ ରାମପୁରଗୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦିପ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଭାଲୁ ଡୁଙ୍ଗୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନେତ୍ର ବାଗ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସୁଶୀଲ କୁମାର ହେର୍ଣା, ସୁଶାନ୍ତ କୁମାର ମେହେର, ଡଗ୍ରେଶ୍ୱର ମେହେର, ଧିରେନ୍ଦ୍ର ମେହେର, ମକରଧ୍ୱଜ ରଣା, କୃଷ୍ଣ ଚନ୍ଦ୍ର ମେହେର, ମହେଶ୍ୱର ଛତ୍ରୀଆ ସହ ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

# ମହିଳା ଅଧିକାର, ଲିଙ୍ଗଗତ ସମାନତା ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର : (ହି.ସ.) - ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲି ତିଳେଇମାଲ ପଂଚାୟତର ଡନସନାଡ଼ିହି ଗ୍ରାମରେ ଜାତୀୟ ଭାରତ ପ୍ରତିଷ୍ଠାନ ଭୁବନେଶ୍ୱର ଏବଂ କୁଚିଣ୍ଡା ଅଂଚଳର ଅଗ୍ରଣୀ 'ରୋପ' ଅନୁଷ୍ଠାନର ମିଳିତ ଉଦ୍ୟମରେ ମହିଳା ଅଧିକାର, ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଗ୍ରାମର ବହୁ ସଂଖ୍ୟାରେ ମହିଳା, କିଶୋରୀ ଓ ବାଳିକାମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ 'ରୋପ' ଅନୁଷ୍ଠାନର ସଂଯୋଜକ ବିମଳ ମେହେର ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସ୍ତରୀୟ ଶିଶୁ ସୁରକ୍ଷା ଅଧିକାରୀ ସରିତା ମହାପାତ୍ର, ମୁଖ୍ୟବକ୍ତା ଭାବେ ସୁପରଭାଇଜର ଯମୁନା ବାଘ ଓ ସମ୍ମାନିତ ଅତିଥି ଭାବେ ଏମ୍ପିକେ ବିଶାଖା କିସାନ, ଏଏନ୍‌ଏମ୍ ବସୁମତୀ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ଦୀପାଞ୍ଜଳି ନାୟକ, ଆଶାକର୍ମୀ ସୁରେଖା ବଙ୍କରା, କୃଷିମିତ୍ର ମଞ୍ଜୁଲତା ନାଏକ ଓ ପ୍ରଧାନ ଶିକ୍ଷୟିତ୍ରୀ ଉମା ମିର୍ଦ୍ଧା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମଂଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା । ପ୍ରାରମ୍ଭରେ ମୁଖ୍ୟବକ୍ତା ଯମୁନା ବାଘ ନିଜ ବ୍ୟକ୍ତବ୍ୟରେ ମହିଳାଙ୍କ ଅଧିକାର, ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମହିଳାଙ୍କ ପ୍ରତି ଘରୋଇ ହିଂସା, ଯୌତୁକ ପ୍ରଥା, ଯୌନ ଉତ୍ପୀଡ଼ନ ଓ ଲିଙ୍ଗଗତ ଭେଦଭାବକୁ ରୋକିବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ । ଏଥିସହ ମହିଳା ଓ ପୁରୁଷଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ନିଷ୍ପତି ଗ୍ରହଣ କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ, ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଓ ସଶକ୍ତ କରିବା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ବଂଚିତ ବର୍ଗର ଲୋକଙ୍କ ଅଧିକାର ଓ ସମାନ ସୁଯୋଗ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ମହିଳାମାନେ ସରକାରୀ ଯୋଜନା, ଆଇନଗତ ସହାୟତା ଓ ଅଭିଯୋଗ ଦାଖଲ ବ୍ୟବସ୍ଥା ବିଷୟରେ ଜାଣିବା ସହ ଗ୍ରାମସଭା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଭାଗ ନେବାକୁ ସେ ଆହ୍ୱାନ ଦେଇଥିଲେ । ସଚେତନତା ସଭା ପରେ ଡନସନାଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଓ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ବାର୍ତ୍ତା ଦିଆଯାଇଥିଲା । ଶେଷରେ ରୋପ ଅନୁଷ୍ଠାନର ସଭ୍ୟା ଜୁଲି ମହନ୍ତ ଉପସ୍ଥିତ ସମସ୍ତ ଅତିଥି, ମହିଳା, କିଶୋରୀ ଓ ସହଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହ କାର୍ଯ୍ୟକ୍ରମର ସମାପନ କରିଥିଲେ ।





# ନୂଆଗାଁ ପୂଜା ମଣ୍ଡପରେ ଘଟ ଉତୋଳନ ଓ ସପ୍ତମୀ ପୂଜା



ଲଙ୍ଗଳେଶ୍ୱର(ନିପ୍ର): ବାଲିଆପାଳ ବ୍ଲକ ନୂଆଗାଁ ଓ କଟରାମହଲ ବଜାର ରେ ଅଂଚଳ ବାସୀଙ୍କ ସହଯୋଗ ରେ ହୋଇଆସୁଥିବା ଦୁର୍ଗା ପୂଜା ଉପଲକ୍ଷେ ଶନିବାର ସକାଳୁ ଶହଶହ ଶ୍ରଦ୍ଧାଳୁମାନେ ବଙ୍ଗପୋସାଗରରୁ ନାମ ସଂକୀର୍ତନ କରି ଘଟ ଉତୋଳନ କରିଥିଲେ । ଶନିବାର ମାଆଙ୍କ ପିଠରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି । ସୋମବାର ଦିନ ପିଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଶାନ୍ତ ବିଶ୍ୱାଳ, ରଞ୍ଜନ କୁମାର ବେହେରା, ଲକ୍ଷ୍ମୀ କାନ୍ତ ଗିରି, ବରେନ୍ଦ୍ର ରାଉତ, ଚକ୍ରଧର ଗିରି, ଅନିଲ୍ ଦେବନାଥ, ଅଞ୍ଜନ ଦେବନାଥ, ପଂଚାନନ ଗିରି, ବିଦ୍ୟାଧର ଦଳାଇ, ଶଙ୍କର୍ଷଣ ମାଝୀ, ବଂଶୀଧର ଦଳାଇ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପୂଜା କାର୍ଯ୍ୟ ଚାଲିଛି ।

# ନିଶାଦ୍ରବ୍ୟ ଚୋରା କାରବାର ବିରୋଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଜୋଙ୍କ ପୁଲିସ ପକ୍ଷରୁ ନିଶାଦ୍ରବ୍ୟ ଚୋରା କାରବାର ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୁଲିସ ଦୁଇଟି ପୃଥକ ମାମଲାରେ ଚଢ଼ାଉ କରି ମୋଟ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଗଞ୍ଜେଇ, କଫ୍ ସିରପ୍, ଇଞ୍ଜେକସନ୍, ମୋଟରସାଇକେଲ୍, ସ୍କୁଟି ଓ ମୋବାଇଲ୍ ଫୋନ୍ ଜବତ କରିଛି । ପ୍ରଥମ ଘଟଣାରେ, ଅକ୍ଟୋବର ୧୨ ତାରିଖରେ ଖରିଆର ରୋଡ୍‌ର ମୋଙ୍ଗରାପାଲି କଲ୍ୟାଣ ମଣ୍ଡପ ନିକଟରେ ପାଟ୍ରୋଲିଂ ସମୟରେ ମିଳିଥିବା ସୂଚନା ଆଧାରରେ ଜୋଙ୍କ ପୁଲିସ ଚଢ଼ାଉ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ସାଜିଦ୍ ଖାନ୍ (୩୮), ସୟ୍ୟଦ୍ ମକ୍ସି ଅଲି (୨୮), ମହମ୍ମଦ ସମୀର (୨୫), ତନଭୀର ଅଲି (୨୦), ମହମ୍ମଦ ଫରିଦ୍ (୨୨) ଏବଂ ଶେଖ୍ ୱାସିମ୍ ଅହମ୍ମଦ (୩୧) । ଏମାନଙ୍କଠାରୁ ୧ କେଜି ୨୩୧ ଗ୍ରାମ ଗଞ୍ଜେଇ, ୨୪ଟି ୱିନ୍ ?ସେରେକ୍ସ କଫ୍ ସିରପ୍ ବୋତଲ, ୨୩ଟି ଫେଂଟାଜୋସିନ୍ ଲାକ୍ଟେଟ୍ ଇଞ୍ଜେକସନ୍, ୨ଟି ମୋଟରସାଇକେଲ୍, ୨ଟି ସ୍କୁଟର ଓ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ସେହିପରି ଦ୍ୱିତୀୟ ମାମଲାରେ, ଅକ୍ଟୋବର ୧୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରେ ଗଞ୍ଜେଇ ଚାଲାଣ ସମ୍ପର୍କିତ ସୂଚନା ପାଇ ପୁଲିସ ଗୋତମା ଏୟାରଷ୍ଟ୍ରିପ୍ କେନାଲ୍ ରୋଡ୍ ନିକଟରେ ଚଢ଼ାଉ କରି ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ରାଜିକ୍ ଖାନ୍ ଓରଫ୍ ସାଜାଦା ଖାନ୍ ଓରଫ୍ ସଜ୍ଜାଦ ହୁସେନ୍ (୩୭), ଶନି ଟାଣ୍ଡି (୨୮), ନରେନ୍ଦ୍ର ଜଗତ (୨୫), ଗୋପାଳ ବାଘ (୨୨) ଏବଂ ସୋନୁ ଓରଫ୍ ପଙ୍କଜ ସାହୁ (୨୪) । ଏହି ଚଢ଼ାଉରେ ୨୩ କେଜି ୯୯୨ ଗ୍ରାମ ଗଞ୍ଜେଇ, ଗୋଟିଏ ସ୍କୁଟି ଓ ୫ଟି ମୋବାଇଲ୍ ଫୋନ୍ ଜବତ ହୋଇଛି । ଉଭୟ ଅଭିଯାନରେ ମୋଟ ୨୫ କେଜି ୨୨୩ ଗ୍ରାମ ଗଞ୍ଜେଇ, କଫ୍ ସିରପ୍, ଇଞ୍ଜେକସନ୍, ୨ଟି ମୋଟରସାଇକେଲ୍, ୩ଟି ସ୍କୁଟି ଓ ୧୦ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ପୁଲିସ ପକ୍ଷରୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପାଳନ କରାଯାଇ ଜବତ ସାମଗ୍ରୀକୁ ସିଲ୍ କରାଯାଇଛି । ଏନଡିପିଏସ୍ ଆକ୍ଟ, ୧୯୮୫ର ସମ୍ପୃକ୍ତ ଧାରା ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୧(୪) ଅନୁଯାୟୀ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି । ପ୍ରଥମ ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଏସଆଇ ଏମ୍. ବଡ଼ନାୟକ ଏବଂ ଦ୍ୱିତୀୟ ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ଏସଆଇ ବି.ପି. ପ୍ରଧାନ ଦାୟିତ୍ୱ ତୁଲାଉଛନ୍ତି ।

# ଚିନାବାଦାମ ବିହନ ଉତ୍ପାଦନ ତାଲିମ ଶିବିର

ନୂଆପଡ଼ା(ନିପ୍ର): ଚିନାବାଦାମ ଉତ୍ପାଦନ ବୃଦ୍ଧି, ଉନ୍ନତ ବିହନ ଉତ୍ପାଦନ ପ୍ରଣାଳୀର ପ୍ରସାର ଏବଂ କୃଷକମାନଙ୍କ ଦକ୍ଷତା ବିକାଶ ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାର ଖରିଆର, ବୋଡ଼େନ ଓ ସିନାପାଲି ବ୍ଲକରେ ଚିନାବାଦାମ ବିହନ ଉତ୍ପାଦନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ୟୁଥ୍ ଫର୍ ଆକ୍ସନ୍ ଆଣ୍ଡ ରିସର୍ଚ୍ଚ (ୟାର), ଖରିଆର, ପକ୍ଷରୁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସହଯୋଗ ଏବଂ ଇଂଟରନ୍ୟାସନାଲ୍ କ୍ରପ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଫର୍ ଦି ସେମି-ଆରିଡ୍ ଟ୍ରପିକ୍ସର ବୈଷୟିକ ସହଯୋଗରେ ଏହି ତାଲିମ ଶିବିରଗୁଡ଼ିକ ଆୟୋଜିତ ହୋଇଥିଲା । ଏଥିରେ ମହିଳା ଓ ପୁରୁଷଙ୍କ ସମେତ ୨୦୦ରୁ ଅଧିକ କୃଷକ ଅଂଶଗ୍ରହଣ କରିଥିଲେ । ଅକ୍ଟୋବର ୧୩ ତାରିଖରେ ଖରିଆର ବ୍ଲକର ଭୁଲିଆସିକୁଆ ପଂଚାୟତ ଅନ୍ତର୍ଗତ କୋଟେନମୁଣ୍ଡା ଗ୍ରାମରେ, ଅକ୍ଟୋବର ୧୪ ତାରିଖରେ ବୋଡ଼େନ ବ୍ଲକର ସୁନାପୁର ଗ୍ରାମରେ ଏବଂ ଅକ୍ଟୋବର ୧୭ ତାରିଖରେ ସିନାପାଲି ବ୍ଲକର ଟିମନପୁର ଗ୍ରାମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଖରିଆର ଠାରେ ଆୟୋଜିତ ତାଲିମ ଶିବିରରେ କୃଷି ଓଭରସିୟର ଜସସ୍ୱିତା ପଣ୍ଡା, ବୋଡ଼େନଠାରେ କୃଷି ଅଧିକାରୀ ଚିତ୍ରୋତ୍ପଳା ଦେହୁରୀ ଏବଂ ସିନାପାଲିଠାରେ ବ୍ଲକ କୃଷି ଅଧିକାରୀ ସୁଧାଂଶୁ ମେହେର ଉପସ୍ଥିତ ରହି କୃଷକମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡା. ଦିବ୍ୟ ରଞ୍ଜନ ସ୍ୱାଇଁ, ପଶୁ ଚିକିତ୍ସା ସହାୟକ ଶଲ୍ୟ ଚିକିତ୍ସକ; ଦିଗମଲ ସବର, ସହକାରୀ ଉଦ୍ୟାନ କୃଷି ଅଧିକାରୀ; ଗଣପତି ନାୟକ, FIS/ATMA ଅଧକ୍ଷ; ହେମସୂତା ସରାଫ, କୃଷି ଓଭରସିୟର; ତପସ୍ୱିନୀ ପାଢ଼ୀ, ଗ୍ରାମ୍ୟ କୃଷି କର୍ମଚାରୀ ଏବଂ ଅରୁଣ ଧାକଡ଼, ଇଞ୍ଜଗ, ଇଞ୍ଜଗଇ ଯୋଗଦେଇଥିଲେ । ପ୍ରଶିକ୍ଷଣ ସମୟରେ ଚିନାବାଦାମ ଚାଷ ପାଇଁ ଉପଯୁକ୍ତ ଋତୁ ଓ ଜମି ଚୟନ, ଜମି ପ୍ରସ୍ତୁତି, ବିହନ ବିଶୋଧନ, ବିହନ ବୁଣିବାର ସଠିକ୍ ପଦ୍ଧତି, ଫସଲର ବିଭିନ୍ନ ପରିଚାଳନା କୌଶଳ, ଘାସପତ୍ର ନିୟନ୍ତ୍ରଣ, ଜଳ ପରିଚାଳନା, କୀଟ ଓ ରୋଗ ନିୟନ୍ତ୍ରଣ ଆଦି ବିଷୟରେ କୃଷକମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରାଯାଇଥିଲା । ଏଥିସହ ଅମଳ ପରବର୍ତୀ ପ୍ରଯୁକ୍ତି, ବିହନର ଗୁଣବତା ସଂରକ୍ଷଣ, ବଜାର ସଂଯୋଗ ଓ ଚାଷରୁ ଅଧିକ ଲାଭ ପାଇବାର ଉପାୟ ଉପରେ ଆଲୋଚନା କରାଯାଇଥିଲା । କୃଷକମାନଙ୍କୁ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଚିନାବାଦାମ ଚାଷର ବ୍ୟବହାରିକ ଜ୍ଞାନ ମଧ୍ୟ ପ୍ରଦାନ କରାଯାଇଥିଲା । ୟାର ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ଯୋଷୀ, ସମ୍ପାଦକ ହରିଦାସ ପଟେଲ ଓ ଅରୁଣ ବିଶ୍ୱାଳ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଖରିଆରଠାରେ ରାଜ କିଶୋର ପଣ୍ଡା, ବୋଡ଼େନଠାରେ ବିଦେଶ୍ୱର ମାଝୀ ଏବଂ ସିନାପାଲିଠାରେ ଗଣେଷ ରାମ ମାଝୀ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ୟାରର କର୍ମଚାରୀ ଗୋଲକ ବିହାରୀ ପାଣିଗ୍ରାହୀ ତାଲିମ ଶିବିରଗୁଡ଼ିକର ସଫଳ ଆୟୋଜନରେ ସହଯୋଗ କରିଥିଲେ । ଏହି ତାଲିମ ଶିବିର ମାଧ୍ୟମରେ କୃଷକମାନେ ଉନ୍ନତ ଚିନାବାଦାମ ବିହନ ଉତ୍ପାଦନ ଓ ବୈଜ୍ଞାନିକ ଚାଷ ପ୍ରଣାଳୀ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ଉତ୍ପାଦନ ବୃଦ୍ଧି, ଫସଲର ଗୁଣବତା ରକ୍ଷା ଏବଂ କୃଷି ଆୟ ବୃଦ୍ଧି ଦିଗରେ ଉପକୃତ ହେବାର ଆଶା ପ୍ରକାଶ ପାଇଛି ।

# ପୂଜା ମଣ୍ଡପରେ ଝଟକୁଛନ୍ତି ମା'ଙ୍କ ମୃଣୟ ମୂର୍ତି

ସିମୁଳିଆ(ନିପ୍ର): ସିମୁଳିଆ ବ୍ଲକର ବିଭିନ୍ନ ସ୍ଥାନରେ ମା ଦୁର୍ଗାଙ୍କର ଷଷ୍ଠୀ ପୂଜା ରୀତିନୀତି ଅନୁସାରେ ଆରମ୍ଭ ହେବା ପରେ ପୂଜା ମଣ୍ଡପରେ ମାଙ୍କର ମୃଣୟୀ ମୂର୍ତି ସାଜସଜ୍ଜାରେ ଝଟକୁଛି । ମାର୍କୋଣା ଷ୍ଟେସନ ବଜାରରେ ସର୍ବପୁରାତନ ସାର୍ବଜନୀନ ଦୁର୍ଗା ମଣ୍ଡପରେ ପାରମ୍ପରିକ ରୀତିରେ ମା' ଦୁର୍ଗାଙ୍କ ଷଷ୍ଠୀ ଠାରୁ ପୂଜା ଆରମ୍ଭ ହୋଇ ଯାଇଛି । ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଅର୍ଚ୍ଚନା ସହିତ ପଣ୍ଡିତ ମାନଙ୍କର ମନ୍ତ୍ର ପାଠରେ ପୂଜା ମଣ୍ଡପ କମ୍ପି ଉଠୁଛି । ପୂଜା ମଣ୍ଡପରେ ମା ଦୁର୍ଗାଙ୍କୁ ଭକ୍ତମାନେ ଦର୍ଶନ କରିବାରେ ଲାଗିଛନ୍ତି । ୧୯୪୯ ମସିହାରେ ଆରମ୍ଭ ହୋଇଥିବା ପୂଜା ୭୭ବର୍ଷରେ ପଦାର୍ପଣ କରିଛି । ଦେଶ ସ୍ୱାଧୀନ ହେବା ପରେ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ପାଣିଗ୍ରାହୀ, ଗୌରାଙ୍ଗ ଦାସ, କାଂଗାଳି ମହାନ୍ତି, କାଳୀ କୁଣ୍ଡୁ, ବାଂଚାନିଧି ମହାନ୍ତି, ମା'ଙ୍କ ଏହି ପୂଜା କଳସ ପୂଜା ମାର୍କୋଣା ସାପ୍ତାହିକ ହାଟ ପରିସରରେ ଆରମ୍ଭ କରିଥିଲେ । ୧୯୬୦ ମସିହାରୁ ଷ୍ଟେସନ ବଜାରରେ ମୃଣୟୀ ମୂର୍ତି ପୂଜା ପାଇ ଆସୁଛନ୍ତି । ବର୍ତମାନ କମିଟିର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଓ ସମ୍ପାଦକ ଶିବ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ପୂଜା ବହୁ ଧୁମଧାମରେ ପାଳିତ ହେଉଛି । ରବିବାର ଦିନ ମାଙ୍କର ମହାଷ୍ଟମୀ ପୂଜା ମହା ଆଡମ୍ବରେ ପାଳିତ ହେବ ।



# ଗୋଳିହାରେ ପଂଚାୟତ ବ୍ରାହ୍ମଣ ସମିତି ଶାଖାର କର୍ମକର୍ତା ମନୋନୟନ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆଂଚଳିକ ବ୍ରାହ୍ମଣ ସମିତି ଖଇରା ଶାଖା କେନ୍ଦ୍ରୀୟ କମିଟିର ଏକ ବୈଠକ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଯେଉଁ ପଂଚାୟତରେ ଶାଖା କମିଟି ଗଠନ ହୋଇନାହିଁ କିଭଳି ଚଳିତ ବର୍ଷ ଶେଷ ସୁଦ୍ଧା ଏ ପ୍ରକ୍ରିୟା ଶେଷ ହେବ ସେ ସମ୍ପର୍କରେ ସଦସ୍ୟ ମାନେ ଆଲୋଚନା ରଖିଥିଲେ । ପରେ ଗୋଳିହା ଶାଖା ର କର୍ମକର୍ତା ମନୋନୟନ କରାଯାଇଥିଲା । ଏଥିରେ ନୃସିଂହ ଚରଣ ଦ୍ୱିବେଦୀ ସଭାପତି, ବିଘ୍ନେଶ୍ୱର ଶତପଥି ଉପସଭାପତି, ମନୋରଞ୍ଜନ ଶୁକ୍ଳ ଙ୍କୁ ସାଧାରଣ ସମ୍ପାଦକ, ପିତାମ୍ବର ପତି ଙ୍କୁ ସହ ସମ୍ପାଦକ, ପର୍ଶୁରାମ ମହାପାତ୍ରଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି । ମନୋନୀତ ପ୍ରାର୍ଥୀ ମାନେ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ସଂକଳ୍ପ ନେଇଥିଲେ । ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି, ପଦ୍ମନାଭ ପଣ୍ଡା, ପ୍ରଫୁଲ୍ଲ ପାଳକ, ଦିନବନ୍ଧୁ ଦାଶ, ଶରତ କୁମାର ପଣ୍ଡା, ବଳରାମ ପଣ୍ଡା ଙ୍କ ସମେତ ୬ ପଂଚାୟତରୁ ୫୦ରୁ ଉର୍ଦ୍ଧ ବ୍ରାହ୍ମଣ ଯୋଗ ଦେଇଥିଲେ । ଆୟୋଜକ ପର୍ଶୁରାମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପଥରପୁରା ନୋଡାଲ ସ୍କୁଲରେ ଲାୟନ୍ସ କ୍ଲବ ଜଳେଶ୍ୱର ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ

ଜଳେଶ୍ୱର(ନିପ୍ର): ଲାୟନ୍ସ କ୍ଲବ ଜଳେଶ୍ୱର ପକ୍ଷରୁ ପଥରପୁରା ନୋଡାଲ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଜଳେଶ୍ୱରସ୍ଥିତ ଭୂମିକା ଚକ୍ଷୁ ହସ୍ପିଟାଲର ସହଯୋଗରେ ଆୟୋଜିତ ଏହି ଶିବିରରେ ପ୍ରାୟ ୫୩ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଭୂମିକା ଚକ୍ଷୁ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଆଧୁନିକ କମ୍ପ୍ୟୁଟରୀକୃତ ଯନ୍ତ୍ରପାତି ସାହାଯ୍ୟରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଥିଲା । ପିଲାମାନଙ୍କ ଚକ୍ଷୁ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଦୃଷ୍ଟିଜନିତ ସମସ୍ୟାକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଲାୟନ୍ସ କ୍ଲବ ଜଳେଶ୍ୱରର ସଭାପତି ଲାୟନ ପ୍ରଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଶିବିରଟି ସଫଳତାର ସହ ଆୟୋଜିତ ହୋଇଥିଲା । ଏଥିରେ କ୍ଲବର ସମ୍ପାଦକ ଲାୟନ ସେଖ ସବିର, ଉପସଭାପତି ଲାୟନ ବିନୋଦ ସାହୁ, ଯୁଗ୍ମ ସମ୍ପାଦକ ଲାୟନ ଗିରିଜା ଶଙ୍କର ଦାସ, ଲାୟନ ସତ୍ୟନାରାୟଣ ମହାପାତ୍ର, ଲାୟନ ତାରାପଦ କର, ଲାୟନ ଭବେଶ ଠକ୍କର ଓ ଲାୟନ ଅମଳ ମଣ୍ଡଳ ଉପସ୍ଥିତ ରହି ସହଯୋଗ କରିଥିଲେ । ଭୂମିକା ଚକ୍ଷୁ ହସ୍ପିଟାଲ ପକ୍ଷରୁ ଡାକ୍ତର ମୁକ୍ତେଶ୍ୱର ଆଚାର୍ଯ୍ୟ, ରେଜିଓନାଲ ମ୍ୟାନେଜର ବିରେଂଚି ନାରାୟଣ ସେଠୀ, ମ୍ୟାନେଜର ରଞ୍ଜିତ ପଣ୍ଡା, ଅତିଥି ଆଚାର୍ଯ୍ୟ ଏବଂ ଫାର୍ମାସିଷ୍ଟ ଭରତ ପ୍ରଧାନ ଅନ୍ୟ କର୍ମଚାରୀମାନେ ଶିବିରରେ ଯୋଗଦେଇ ଚକ୍ଷୁ ପରୀକ୍ଷା କାର୍ଯ୍ୟ ସମ୍ପାଦନ କରିଥିଲେ । ପଥରପୁରା ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ । ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ଲାୟନ୍ସ କ୍ଲବ ଜଳେଶ୍ୱରର ଏହି ପଦକ୍ଷେପକୁ ସ୍ଥାନୀୟ ମହଲରେ ସ୍ୱାଗତ କରାଯାଇଛି ।

No. 25001/1362/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail =rw_udala@yahoo.com
e_Procurement Tender Call Notice No. Online 06/RWD/UDALA/2026-27

1. Name of the work : Building works
2. Total No.of works : 9Nos.
3. Estimated Cost : Approx Estimated Cost Rs.16.80 to Rs.75.63 Lakhs
4. Class of Contractor : 'D','C'& 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of tender in the office of the Superintending Engineer, R.W. Division, Udala |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Udala | 06 (Online) /RWD-UDALA of 2026-27 | 28.10.26 at 11.00 A.M. | 04.11.26 up to 5.00 P.M. | 04.11.26 up to 3.00 P.M. | 04.11.26 up to 5.30 P.M. |

Further details can be seen from the website www.tendersorissa.gov.in

Sd/-
Superintending Engineer
R.W.Division, Udala

OIPR. 25001/25199/1/26-27/0006

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱଚ୍ଛତା ଅଭିଯାନ

ନୟାଗଡ଼(ନିପ୍ର): ଅକ୍ଟୋବର ମାସକୁ ସ୍ୱଚ୍ଛତା ଅଭିଯାନର ମାସ ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଦର୍ପନାରାୟଣପୁର ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଗ୍ରାମ ପଂଚାୟତ ପକ୍ଷରୁ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସରପଂଚ ସସ୍ମିତା ରାଉତଙ୍କ ସମେତ ୱାର୍ଡ ସଦସ୍ୟ, ପିଇଓ, ଏଡିଇଓ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବାହ୍ୟ ପରିସର ସଫେଇ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ବାହାର ପାଚେରୀ ନିକଟରେ ଥିବା ଅନାବନା ଗଛଲତା, ପ୍ଲାଷ୍ଟିକ ବୋତଲ ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସଫା କରାଯିବା ସହିତ ଆବଶ୍ୟକସ୍ଥଳେ ବଡ଼ ଗଛର ଡାଳ କାଟି ପରିସରକୁ ସୁନ୍ଦର ଓ ପରିଷ୍କାର କରାଯାଇଥିଲା । ସେହିପରି ଶୁକ୍ର ବେହେରା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଓ ଅଧାପକ-ଅଧାପିକାଙ୍କ ନେତୃତ୍ୱରେ +୩ ଛାତ୍ରଛାତ୍ରୀ ମାନେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତର ପରିସର ସଫେଇ କରିଥିଲେ । ଫଳରେ ସମଗ୍ର ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଏକ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ପରିବେଶରେ ପରିଣତ ହୋଇଥିଲା । ଏହି ଅଭିଯାନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡାକ୍ତର ଗୀତାଞ୍ଜଳି ପଟ୍ଟନାୟକ, ଫାର୍ମାସିଷ୍ଟ ଦିଲ୍ଲୀପ କୁମାର ସ୍ୱାଇଁ, ଏମ୍‌ପିଏଚ୍‌ଡବ୍ଲୁ (ଏଫ୍) ନିରୁପମା ଦେବୀ, ଅକ୍ଷୟ କୁମାର ଦାସ, ଗୋପାଳ ଚନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ସାହୁ ଓ ଭାଗିରଥୀ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସ୍ୱଚ୍ଛ ପରିବେଶ ହିଁ ସୁସ୍ଥ ସମାଜର ମୂଳମନ୍ତ୍ର । ଏହି ବାର୍ତା ନେଇ ଆୟୋଜିତ ଏହି ଅଭିଯାନ ସ୍ଥାନୀୟ ଅଂଚଳରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି କରିବାରେ ଏକ ସୁନ୍ଦର ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।

**AFFIDAVIT**

By virtue of an affidavit sworn before Notary Public, Baripada, Mayurbhanj, dated 14.10.2026 I, Sarojini Naik, aged about 63 years, W/o-Srikanta Naik, resident of At/Po- Dharampura, Ps- Suliapada, Via- Kostha, Dist- Mayurbhanj, Odisha, Pin- 757084, Aadhaar No. 2350-1354-6988 declare that I have changed my name from Sajani Naik to Sarojini Naik. Henceforth, I shall be known as Sarojini Naik for all purposes.

Sd/-
Sarojini Naik

# ଗାନ୍ଧୀ ସାଇନ୍ସ କଲେଜରେ ଚେୟାରମ୍ୟାନଙ୍କ ଜନ୍ମଦିନ ଅବସରରେ ଭବ୍ୟ ଗର୍ବା ନୃତ୍ୟ ସମାରୋହ



ନୂଆପଡ଼ା (ନି.ପ୍ର) ଖଡ଼ିଆଳସ୍ଥିତ ଗାନ୍ଧୀ ସାଇନ୍ସ କଲେଜ ପରିସରରେ ବିଦ୍ୟାଳୟର ଚେୟାରମ୍ୟାନ ନବୀନ କୁମାର ସୁନାଙ୍କ ଜନ୍ମଦିନ ଅବସରରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭବ୍ୟ ଗର୍ବା ନୃତ୍ୟ ସମାରୋହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ମନମୁଗ୍ଧକର ଗର୍ବା ନୃତ୍ୟ ପରିବେଷଣ କରି ସମଗ୍ର ପରିବେଶକୁ ଉତ୍ସବମୁଖର କରିତୋଳିଥିଲେ ।ଏହି ସମାରୋହରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତରୁଣ କୁମାର ପ୍ରଧାନ, ପାଳିପ୍ରଗତି ମହାବିଦ୍ୟାଳୟ ଅଧକ୍ଷା ରୁଦ୍ର ମାଧବ ବାରିକ, ବିଦ୍ୟାଳୟର ଚେୟାରମ୍ୟାନ ନବୀନ କୁମାର ସୁନା, ପ୍ରିନ୍ସିପାଲ ରୁବି ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ନୃତ୍ୟକୁ ଉପଭୋଗ କରିବା ସହ ସ୍ୱୟଂ ନାଚି ଉଠିଥିଲେ । ସୂଚନାଯୋଗ୍ୟ, ଗର୍ବା ହେଉଛି ଭାରତର ଗୁଜରାଟ ରାଜ୍ୟର ଏକ ବିଶ୍ୱପ୍ରସିଦ୍ଧ ପାରମ୍ପରିକ ଲୋକନୃତ୍ୟ । ମୁଖ୍ୟତଃ ନବରାତ୍ରୀ ଅବସରରେ ମା' ଆଦିଶକ୍ତିଙ୍କ ଆରାଧନା ପାଇଁ ପ୍ରଜ୍ୱଳିତ ଦୀପ ବା ମାଠିଆ ଚାରିପାଖରେ ଏହି ବୃତାକାର ନୃତ୍ୟ ପରିବେଷିତ ହୋଇଥାଏ । ମହିଳାମାନେ ଚଣିଆ-ଚୋଳି ଓ ପୁରୁଷମାନେ କେଡିଆ ଭଳି ପାରମ୍ପରିକ ପୋଷାକ ପିନ୍ଧି ଏହି ନୃତ୍ୟ କରିଥାନ୍ତି । ଗର୍ବା ନୃତ୍ୟର ଏହି ସାଂସ୍କୃତିକ ଗୁରୁତ୍ୱ ଓ ଏକତା ବାର୍ତା ପାଇଁ ଏହାକୁ ୟୁନେସ୍କୋ (ଟଘରଝଉଡ) ଦ୍ୱାରା ବିଶ୍ୱ ଅମୂର୍ତ ସାଂସ୍କୃତିକ ଐତିହ୍ୟ (ଓଭଗ୍ଧବଭ-ଶସଭକ୍ଷର ଉଙ୍କକ୍ଷଗ୍ଧଙ୍କକ୍ସବକ୍ଷ ଐରକ୍ସସଗ୍ଧବଶର) ଭାବେ ମାନ୍ୟତା ମଧ୍ୟ ମିଳିଛି । ଖଡ଼ିଆଳ ଗାନ୍ଧୀ ସାଇନ୍ସ କଲେଜରେ ଏହି ପାରମ୍ପରିକ ଗର୍ବା ନୃତ୍ୟର ସୁନ୍ଦର ପରିବେଷଣ ସ୍ଥାନୀୟ ଅଂଚଳରେ ଏକ ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା ।

# ପ୍ରଥମ ଜିଲ୍ଲାସ୍ତରୀୟ ୱକଫେନୌ ଇଜତେମା ଉଦ୍‌ଘାଟିତ




ଖୋର୍ଦ୍ଧା:(ନି.ପ୍ର.) ସନ୍ତାନଙ୍କୁ ସୁଶିକ୍ଷା ଦେବା ବାପମା'ଙ୍କ କର୍ତବ୍ୟ ହୋଇଥିବା ବେଳେ ବିଦ୍ୟା ଅର୍ଜନ କରିବା ଓ ସଂସ୍କାରୀ ହେବା ସମସ୍ତ ବର୍ଗର ମୁସଲମାନଙ୍କ ପାଇଁ ଆବଶ୍ୟକ ବୋଲି ଜିଲ୍ଲା ସ୍ତରୀୟ ୱକଫେନୌ ବାର୍ଷିକ ଇଜତେମାର ଉଦଘାଟନ ଅବସରରେ ମତ ପ୍ରକାଶ ପାଇଛି । କେରଙ୍ଗ-ମହମୁଦାବାଦ ସ୍ଥିତ ଅହମଦୀୟା ମୁସଲିମ ମସଜିଦ ନାସିର ଠାରେ ୱକଫେନୌ ସନ୍ତାନମାନଙ୍କର ଦୁଇ ଦିବସୀୟ ବାର୍ଷିକ ଇଜତେମାରେ କେରଙ୍ଗ ସଭାପତି ଓସିମ ଅହମଦ ଖାଁ ପୌରୋହିତ୍ୟ କରିଥିଲେ । ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ଇନଚାର୍ଜ ମୌଲାନା ହଲିମ ଅହମଦ ଯୋଗଦେଇ ସନ୍ତାନଙ୍କ ପ୍ରତି ବାପମା'ଙ୍କ ଦାୟିତ୍ୱ ତଥା ସନ୍ତାନଙ୍କର କର୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପିଲାଟି ଦିନରୁ ସତ୍ ବଚନ କହିବା, ସତ୍ କର୍ମ କରିବା । ସତ୍ ମାର୍ଗ ଆପଣାଇବା ତଥା ସଂସ୍କାରୀ ହେବା ବିଷୟରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ମତ ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପବିତ୍ର କୋରାନ ପାଠ ତସଲିମ ଅହମଦ ଆବୃତି କରିଥିବା ବେଳେ ଉର୍ଦ୍ଦୁ ନଜମ ତାସିଫ କରିମ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହମୁଦାବାଦ ସଭାପତି ସେକ ଓଲିମୁଦ୍ଦିନ, ଜିଲ୍ଲା ଯୁବସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ସଭାପତି ସୋଲେମାନ ଖାଁ, ଜିଲ୍ଲା ବୃଦ୍ଧାସଂଗଠନ ମଜଲିସ ଅନସାରୁଲ୍ଲାର ସଭାପତି ଅଜିଜୁଲ୍ଲା ଖାଁ ଏବଂ ଜିଲ୍ଲା ଓକଫୈନୌ ସଚିବ ମୋଇନୁଦ୍ଦିନ ଖାଁ ଯୋଗଦେଇଥିଲେ । ଏହି ଇଜତେମାରେ ଓକଫେନୌ ପିଲାମାନଙ୍କର ବକ୍ତୃତା, କୁଇଜ, ନଜମ, ପବିତ୍ର କୋରାନ ଆବୃତି ଏବଂ କ୍ରୀଡା ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି ।

# ରେଳ ମଣ୍ଡଳ ଦ୍ୱାରା ରେଳ ଜନ ସମ୍ବାଦ କାର୍ଯ୍ୟକ୍ରମ

ଜୟପୁର, (ହି.ସ.)- ସ୍ୱତନ୍ତ୍ର ଅଭିଯାନ ୬.୦ ଅନ୍ତର୍ଗତ ରାୟଗଡ଼ା ରେଳ ମଣ୍ଡଳର ବିଭିନ୍ନ ସ୍ଥାନରେ ରେଳ ଜନ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯାତ୍ରୀଙ୍କ ସହ ସିଧାସଳଖ ଆଲୋଚନା, ଯାତ୍ରା ସମୟରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ବୁଝିବା ଏବଂ ରେଳ ସେବାର ଉନ୍ନତି ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ଓ ପରାମର୍ଶ ସଂଗ୍ରହ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମ ସମୟରେ ବିଶେଷକରି ଯୁବ ଯାତ୍ରୀମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ରେଳଯାତ୍ରା ସମୟରେ ହେଉଥିବା ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା । ଯାତ୍ରୀମାନଙ୍କ ମତାମତ ଓ ପରାମର୍ଶ ଜାଣିବା ପାଇଁ ମତାମତ ଫର୍ମ ବଂଟନ କରାଯାଇଥିଲା । ଏହା ମାଧ୍ୟମରେ ଯାତ୍ରୀଙ୍କ ସମସ୍ୟା, ଆଶା ଓ ଆବଶ୍ୟକତା ସମ୍ପର୍କରେ ରେଳ ଅଧିକାରୀମାନେ ଅବଗତ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ରେଳ ଷ୍ଟେସନ ଓ ଟ୍ରେନ୍ ରେ ସ୍ୱଚ୍ଛତା ବଜାୟ ରଖିବାର ଗୁରୁତ୍ୱ ସମ୍ପର୍କରେ ଯାତ୍ରୀ ଓ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । ଆବର୍ଜନାର ଉପଯୁକ୍ତ ପୃଥକୀକରଣ, ଦାୟିତ୍ୱପୂର୍ଣ୍ଣ ଆବର୍ଜନା ନିଷ୍କାସନ ଏବଂ ଏକ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ସୁନ୍ଦର ରେଳ ପରିବେଶ ବଜାୟ ରଖିବାରେ ଯାତ୍ରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାୟଗଡ଼ା ରେଳ ମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ସଞ୍ଜୀବ କୁମାର ସାହୁ ରାୟଗଡ଼ା, କୋରାପୁଟ, ଜଗଦଲପୁର ଓ ଆରାକୁଠାରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ନେତୃତ୍ୱ ନେଇଥିବା ବେଳେ ସହକାରୀ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର/କୋରାପୁଟ ରମେଶ ବାବୁ ପୋଟଲୁରୀ ଏବଂ ସମ୍ପୃକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକମାନେ ଏହି କାର୍ଯ୍ୟକ୍ରମ ଗୁଡିକୁ ସଂଯୋଜନା କରିଥିଲେ । ଯାତ୍ରୀମାନଙ୍କ ସହ ଆଲୋଚନା କରି ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଏହି ଅଭିଯାନରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇଥିଲା । ଏହି ପଦକ୍ଷେପ ମାଧ୍ୟମରେ ରାୟଗଡ଼ା ରେଳ ମଣ୍ଡଳ ଯାତ୍ରୀଙ୍କ ସହ ନିରନ୍ତର ସମ୍ପର୍କ ସ୍ଥାପନ, ଉତମ ସେବା ପ୍ରଦାନ ଏବଂ ରେଳ ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି । ରେଳ ଷ୍ଟେସନ ଓ ଟ୍ରେନ୍ କୁ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ରଖିବା ପାଇଁ ଯାତ୍ରୀମାନେ ନିଜର ମତାମତ ଦେବା ସହ ସକ୍ରିୟ ସହଯୋଗ କରିବାକୁ ମଣ୍ଡଳ ପକ୍ଷରୁ ଆହ୍ୱାନ କରାଯାଇଛି ।

# ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, (ହି.ସ.) ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ପଟ୍ଟନାୟକ ଏବଂ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଶ୍ରୀ କୃଷ୍ଣ କେଶବ ଷଡ଼ଙ୍ଗୀ, ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା, ପୂର୍ବଛାତ୍ର ସଂସଦର ସଂପାଦକ ଶ୍ରୀଯୁକ୍ତ କେ. ସୁନୀଲ୍ କୁମାର ରାଓ ଉପସ୍ଥିତ ଥିଲେ । ଶିଶୁ ଭଉଣୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଶ୍ରୀଯୁକ୍ତ ପଟ୍ଟନାୟକ ମାଆ ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ସମସ୍ତଙ୍କ ଶୁଭ କାମନା କରିବା ସହିତ ନିଜର ବୌଦ୍ଧିକରେ ବିକଶିତ ଭାରତ ଗଠନରେ ଯୁବ ପିଢୀର ଭୂମିକା ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କର ନିଜର ବିଦ୍ୟାଳୟ ପ୍ରତି ସଦଭାବନା ରହିବାର ଆବଶ୍ୟକତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ।

# ବ୍ୟବସାୟୀ ଗୌରାଙ୍ଗ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, :କେନ୍ଦ୍ରାପଡା ସହରର ବିଶିଷ୍ଟ ବ୍ୟବସାୟୀ, ଗୌରୀଶଙ୍କର ହୋଟେଲ ଓ ଗୌରୀଶଙ୍କର ବସର ମାଲିକ, ପୂର୍ବତନ କେନ୍ଦ୍ରାପଡା ଘରୋଇ ବସମାଲିକ ସଙ୍ଘର ସଭାପତି ତଥା ପୂର୍ବତନ କାଉନସିଲର ସ୍ୱର୍ଗତ ଗୌରାଙ୍ଗ ଚରଣ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ କଜଳାସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଯୁବ ସଂଗଠକ ରାଜେଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ । ଏହି ସଭାରେ ପୌରାଧ୍ୟକ୍ଷା ସରିତା ସାହୁ, ବିଜେଡି ନେତା ରବି ସାମଲ, ପଦ୍ମଚରଣ ସାମନ୍ତରାୟ, ଧିରେନ ସାହୁ, ପ୍ରଦିପ କୁମାର ସାହୁ(ଲିପୁ), ତୁଷାର ଘୋଷ, କାଉନସିଲର କାଳି ପ୍ରସାଦ ମିଶ୍ର, ଉମେଶ ନାୟକ, ଦୁର୍ଗା ପ୍ରସାଦ ପତି, ଅତନୁ କୁମାର ମିଶ୍ର, ଘରୋଇ ବସ ମାଲିକ ସଙ୍ଘ ସମ୍ପାଦକ ସୁଜିତ ବଳ, ଅମୀୟ ନାୟକ, ରାଜେଶ ଦାସ, ପ୍ରଦୀପ ନାୟକ, ତାଙ୍କର ଦୁଇ ସୁପୁତ୍ର ଦେବାଶିଷ ପଣ୍ଡା ଓ ପ୍ରଭାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ଅତନୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୋକାନରେ ପଶି ଟଙ୍କା ଲୁଟ୍ ଘଟଣା , ୨ ଗିରଫ

ଜୟପୁର,(ହି.ସ.) କୋରାପୁଟ ଜିଲ୍ଲା ଜୟପୁର ସହର ମହାରାଣୀପେଟା ଅଂଚଳରେ ଏକ ଦୋକାନରେ ପଶି ଟେବୁଲ୍ ଡ୍ରୟାରରୁ ଟଙ୍କା ଚୋରି ମାମଲା ରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମାଛବନ୍ଧ ସାହିର ଗୌତମ ସେଙ୍ଗାରାବି(୧୮) ଏବଂ କୁମ୍ଭାର ସାହିର ଟି. ଶିବା (୧୯) । ସେମାନଙ୍କ ନିକଟରୁ ଚୋରି ହୋଇଥିବା ନଗଦ ୩ ହଜାର ଟଙ୍କା ଜବତ କରାଯାଇଛି । ସୂଚନା ଅନୁଯାୟୀ, ଗତ ୧୩ ତାରିଖ ରେ ମହାରାଣୀପେଟା ନିବାସୀ ଡି. ଗୋବିନ୍ଦା ଆମ୍ମା (୭୫) ଦୋକାନ ସଟର ଖୋଲି ଘର ଭିତରକୁ ଯାଇଥିବା ବେଳେ ହଠାତ୍ ଜଣେ ଯୁବକ ଦୋକାନରେ ପ୍ରବେଶ କରି ଟେବୁଲ୍ ଡ୍ରୟାରରୁ ଟଙ୍କା ଚୋରି କରି ନେଇଥିଲା । ପରିବାର ଲୋକେ ପାଟି କରିବାରୁ ଦୁର୍ବୃତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ଏ ନେଇ ବୃଦ୍ଧା ମହିଳା ଜଣକ ୧୪ ତାରିଖ ରାତିରେ ଜୟପୁର ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଘଟଣାସ୍ଥଳ ଓ ଏହାର ଆଖପାଖ ଅଂଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ ସନ୍ଦେହରେ କିଛି ଲୋକଙ୍କୁ ପଚରାଉଚୁରା କରିବା ଆଧାର କରି ପୋଲିସ ତଦନ୍ତ ରେ ଜାଣି ପୁରୁଣା ସରକାରୀ ବସଷ୍ଟାଣ୍ଡ ନିକଟରେ ଚଢ଼ଉ କରି ଉଭୟ ଗୌତମ ଓ ଶିବାଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତ ଠାରୁ ଗୌତମଠାରୁ ୨ ହଜାର ଏବଂ ଶିବାଠାରୁ ୧ ହଜାର ଟଙ୍କା ଜବତ କରାଯାଇଛି । ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଗୋବିନ୍ଦତୋଳା ଦୁର୍ଗାପୂଜା ମଣ୍ଡପ : କଳସାଧିବାସ ସହ ଆରମ୍ଭ ହେଲା ପୂଜାକାର୍ଯ୍ୟ

ସମ୍ବଲପୁର, (ହି.ସ.)ସମ୍ବଲପୁର ସହରର ପ୍ରସିଦ୍ଧ ଗୋବିନ୍ଦତୋଳା ଦୁର୍ଗା ମଣ୍ଡପରେ ମାଁ ଦୁର୍ଗାଙ୍କ ପୂଜାର୍ଚ୍ଚନା ସହ କଳସ ଅଧିବାସ ତଥା ବିଲ୍ୱବରଣ ଓ ନବପତ୍ରିକା ଆବାହନ ମହାସମାରୋହରେ ଆରମ୍ଭ ହୋଇଯାଇଛି । ଏହି ଅବସରରେ ଗତ ଶୁକ୍ରବାର ଅପରାହ୍ନରେ ଗୋବିନ୍ଦତୋଳା ଛକ ସ୍ଥିତ ଦୁର୍ଗାପୂଜା ମଣ୍ଡପରୁ ଦୁଲଦୁଲି, ଘଂଟ, ଶଙ୍ଖସହ ମହିଳା ମାନଙ୍କ ବିଶାଳ କଳସ ଶୋଭାଯାତ୍ରା ବାହାରିଥିଲା । ଏହି ଅବସରରେ ବିଭିନ୍ନ ପ୍ରକାରର ଆତସ ବାଜିରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇ ଉଠିଥିଲା କ୍ଷ ଏହି ଶୋଭାଯାତ୍ରାରେ ସହରର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ । ଏହି କଳସ ଯାତ୍ରା ଗୋବିନ୍ଦତୋଳା ବସ୍ତିରେ ପହଂଚି ଧର୍ମେନ୍ଦ୍ର ପଟ୍ଟନାୟକଙ୍କ ଘରେ ଥିବା ବେଲଗଛ ମୂଳରେ ବିଲ୍ୱ ବରଣ ପୂଜା କରାଯାଇଥିଲା କ୍ଷ ରାସ୍ତାରେ ରାଧାକୃଷ୍ଣ, ବୀର ହନୁମାନ, ଗ୍ରାମଦେବୀ ଓ ମହାପ୍ରଭୁ ଶିବଙ୍କ ମନ୍ଦିରରେ ମଧ୍ୟ ବରଣ ପୂଜା କରାଯାଇଥିଲା କ୍ଷ ସ୍ଥାନୀୟ ମହାନଦୀ ଓ ହରଡ଼ ଜୋରର ସଙ୍ଗମ ଘାଟରେ ପାରମ୍ପରିକ ପୂଜା ଓ ଅସ୍ତ୍ରଶସ୍ତ୍ର ପୂଜା ସହ କଳସ ବୁଡାଇ ଜଳ ଆଣି ବିଧି ଅନୁଯାୟୀ ମା' ଭୁବନେଶ୍ୱରୀ ଙ୍କର ମଣ୍ଡପ ରେ ସ୍ଥାପନା କରାଯାଇଥିଲା । ପୂଜକ ଜଗଦୀଶ ଦାସ, ଆଶ୍ରିତ ଷଡ଼ଙ୍ଗୀଙ୍କ ତତ୍ୱାବଧାନରେ ତଥା ପୂଜା ଦାୟିତ୍ୱରେ ଥିବା ଦୀପକ ପଣ୍ଡା ଓ ଗୌରୀ ଦାସ ପଣ୍ଡାଙ୍କ ତତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା କ୍ଷ ଏହି ଅବସରରେ ଦୁର୍ଗାପୂଜା କମିଟି ର ସଭାପତି ପ୍ରସନ୍ନ ପାଢ଼ୀ, ସମ୍ପାଦକ ସଞ୍ଜୟ ସାହୁ, ରମାକାନ୍ତ ବେରିହା, ପ୍ରଦୀପ ପାଢ଼ୀ, ସୂର୍ଯ୍ୟ ପାଣିଗ୍ରାହୀ, ରାଜାରାମ ପାଢ଼ୀ, ରାଜୁ ଶର୍ମା, ସଞ୍ଜୟ ତ୍ରିପାଠୀ, ଅଜୟ ସାହୁ, ବସନ୍ତ ଦାସ, ସୁରଜ ସୁନାର,ଫିରୋଜ ପଣ୍ଡା, ଦିଲୀପ ଠାକୁର, ଜିତୁ ପଣ୍ଡା, ପପ୍ପୁ ଶର୍ମା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ କ୍ଷ ପୂଜାରେ କର୍ତା ଶୈଳେନ୍ଦ୍ର ପଣ୍ଡା ଓ ତାଙ୍କ ସହଧର୍ମିଣୀ, ବ୍ରତଧାରୀ ନଅ ଜଣ ବ୍ରାହ୍ମଣ ଅନୀଲ ନାୟକ, ଦାଶରଥି ପଣ୍ଡା, ପ୍ରକାଶ ପଣ୍ଡା, ଟୁଲୁ ବଡ଼ପଣ୍ଡା, ଆଲୋକ ପଣ୍ଡା, ପ୍ରତୀକ ପଣ୍ଡା, ବିଶ୍ୱଜିତ ପଣ୍ଡା,ରୁଦ୍ର ଷଡ଼ଙ୍ଗୀ ପ୍ରମୁଖ ସାମିଲ ଥିଲେ କ୍ଷ କଳସଧୀବାସ ପରେ ମଣ୍ଡପ କୁ ଆସୁଥିବା ଶୋଭାଯାତ୍ରାକୁ ସ୍ୱାଗତ କରି ଘର ଅଗଣାରେ ମୁରୁଜ ଦେଇ କଳସ ଓ ଦୀପ ରେ ସ୍ୱାଗତ କରି ସମ୍ମାନ ଜଣାଉ ଥିବା ଦୃଶ୍ୟ ଅତି ଆକର୍ଷଣୀୟ ଥିଲା । ଆଜି ମାଁ ଭୁବନେଶ୍ୱରୀଙ୍କର ମଣ୍ଡପ ରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା । ଏଥିସହ ମୁଖ ଦର୍ଶନ, ପ୍ରାଣ ପ୍ରତିଷ୍ଠା, ମାଁ ଙ୍କର ଶୋଢସ ଉପଚାର ପୂଜା, ମହା ଆଳତି, ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା କ୍ଷ ମାଁ'ଙ୍କର ମୁଖ ଦର୍ଶନ ସମୟରେ ମାଁ'ଙ୍କର ଆଗମନରେ ଜଣେ ଶ୍ରଦ୍ଧାଳୁଙ୍କୁ ଆସିଥିଲା ବରୁଆ । ଆଜି ମାଁ ଭୁବନେଶ୍ୱରୀଙ୍କର ମଣ୍ଡପ ରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା । ଏଥିସହ ମୁଖ ଦର୍ଶନ, ପ୍ରାଣ ପ୍ରତିଷ୍ଠା, ମାଁ ଙ୍କର ଶୋଢସ ଉପଚାର ପୂଜା, ମହା ଆଳତି, ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା କ୍ଷ ମାଁ'ଙ୍କର ମୁଖ ଦର୍ଶନ ସମୟରେ ମାଁ'ଙ୍କର ଆଗମନରେ ଜଣେ ଶ୍ରଦ୍ଧାଳୁଙ୍କୁ ଆସିଥିଲା ବରୁଆ ।

# ୩୪ତମ ପରିଛଳ କପ୍ କ୍ରିକେଟ୍: ଯଦୁପୁରର ସହଜ ବିଜୟ,ଦିଲୀପ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍



ଖୋର୍ଦ୍ଧା,(ନି.ପ୍ର.): ପରିଛଳ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ୩୪ତମ ରାଜ୍ୟସ୍ତରୀୟ ପରିଛଳ କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ରୋମାଂଚକର ମ୍ୟାଚ୍‌ରେ ଯଦୁପୁର ଦଳ ଚୌଦ୍ୱାର ଦଳକୁ ପରାସ୍ତ କରି ବିଜୟୀ ହୋଇଛି । ମ୍ୟାଚ୍‌ରେ ଉତ୍କୃଷ୍ଟ ବ୍ୟାଟିଂ ଓ ବୋଲିଂ ପ୍ରଦର୍ଶନ ପାଇଁ ଯଦୁପୁର ଦଳର ଦିଲୀପ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଟସ୍ ଜିତି ଚୌଦ୍ୱାର ଦଳ ପ୍ରଥମେ ଫିଲ୍ଡିଂ କରିଥିଲା । ଯଦୁପୁର ଦଳ ନିର୍ଦ୍ଧାରିତ ୧୮ ଓଭରରେ ୯ ଟି ୱିକେଟ୍ ହରାଇ ୨୧୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଦିଲୀପ ରାଉତ ୪୦ ଟି ବଲ୍‌ରୁ ୮୧ରନ୍ କରିଥିବା ବେଳେ ଅମିତ୍ ୧୩ଟି ବଲ୍ ରେ ୨୬ ରନ୍ ସଂଗ୍ରହ କରି ଦଳକୁ ଏକ ମଜବୁତ୍ ସ୍ଥିତିରେ ପହଂଚାଇଥିଲେ । ୨୧୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚୌଦ୍ୱାର ଦଳ ନିର୍ଦ୍ଧାରିତ ୧୮ ଓଭରରେ ୧୭୪ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହେଇଥିଲା । ଦଳ ପକ୍ଷ ରୁ ଦୁଦୁଲ ୧୧ ଟି ବଲ୍‌ରୁ ୩୨ ରନ୍ କରି ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଦଳ କୁ ବିଜୟ ଦେଇ ପାରି ନଥିଲେ । ବୋଲିଂ ରେ ଯଦୁପୁର ଦଳର ସକିବ ୪ ଓଭର ରେ ୨୨ ରନ୍ ଦେଇ ୩ ଟି ୱିକେଟ୍ ଏବଂ ଆଶିଷ ୩ ଓଭରରେ ୮ ରନ୍ ଦେଇ ୩ ଟି ୱିକେଟ୍ ଅକ୍ତିଆର କରିଥିଲେ । ସେହିପରି ଚୌଦ୍ୱାର ଦଳ ର ରାଜା ନାୟକ ୪ଓଭର ରେ ୩୨ ରନ୍ ଦେଇ ୩ ଟି ୱିକେଟ୍ ହାସଲ କରିଥିଲେ ।ମ୍ୟାଚ୍‌କୁ ରଜତ ପରିଡ଼ା ଓ ଅନୁପ ଜେନା ଅମ୍ପେୟର ଭାବେ ପରିଚାଳନା କରିଥିବା ବେଳେ ପରିଛଳ ଗ୍ରାମର ବିନାୟକ ସାମନ୍ତରାୟ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିଲେ । ଏଠାରେ ସନ୍ଦିପ୍ତ ପଟ୍ଟନାୟକ ଏବଂ ଜିତେନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ମନୋଜ ଏବଂ ଜପା ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ । ଆସନ୍ତା ୧୯ ତାରିଖରେ ଫାଇନଲ ମ୍ୟାଚ୍ ଯଦୁପୁର ଦଳ କଳାକଳ ପଡ଼ା ଦଳ କୁ ଭେଟିବାକୁ ଯାଉଛି ।

# ମହୁଲଗଡିଆ ପ୍ରାଥମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଔପଦା(ନି.ପ୍ର.) : ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଧିନ ଅଘିରାପଦା ପଂଚାୟତର ମହୁଲଗଡିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିମଳା ସାହୁଙ୍କ ଅବସର କାଳୀନ ସମ୍ବର୍ଧନା ସଭା ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ସ୍କୁଲ୍ ପରିସରରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୩ ଘଟିକା ରେ ସମାପ୍ତ ହୋଇଯାଇଛି କ୍ଷ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଲକ୍ଷ୍ମୀ ମଣି ରାଉଳ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏକ ବିଦାୟ କାଳୀନ ସମ୍ବର୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପଲ୍ଲୀଶ୍ରୀ ନୋଡାଳର ସିଆରସିସି ବିରତି ଭୂଷଣ ଦାସ ଯୋଗ ଦେଇ ଥିବା ବେଳେ ମୂଖ୍ୟବକ୍ତା ଭାବେ ପ୍ରାକ୍ତନ ସିଆରସିସି ତଥା ଅର୍ଜୁନ ଚରଣ ନୋଡାଳ ଉପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅର୍ଜୁନ ପାତ୍ର ଯୋଗଦେଇ ବିଦାୟୀ ଶିକ୍ଷୟତ୍ରୀ ଙ୍କ ବହୁବିଧ ଗୁଣଗାନ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ୍ କରିଥିଲେ ପଲ୍ଲୀଶ୍ରୀ ନୋଡାଳ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶର୍ଙ୍କର୍ଷଣ ନାୟକ, ଅନ୍ୟତମ ଅତିଥି ଭାବେ ନାୟବ ସରପଂଚ ପଦ୍ମିନୀ ବେଜ୍ , ଶିକ୍ଷକ ନେତା ହିମାଂଶୁ ସାହୁ , ଶ୍ରୀକାନ୍ତ ବେହେରା, ଶିକ୍ଷୟତ୍ରୀ ସୁରମା ପାଣି, ଶିକ୍ଷକ ମନୋରଞ୍ଜନ ବେହେରା , କମଳାକାନ୍ତ ବେହେରା ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ କ୍ଷ ସ୍କୁଲ୍ ପରିଚାଳନା କମିଟି ର ସଭାପତି ଉଦୟ କୁମାର ରାଉଳ, ୱାର୍ଡସଭ୍ୟା ଶାନ୍ତିଲତା ବିନ୍ଧାଣି ଓ ସମସ୍ତ ପରିଚାଳନା କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ କ୍ଷ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ବିଦାୟ ସଙ୍ଗୀତ ଗାନ କରାଯାଇଥିଲା କ୍ଷ ମଂଚ ଆହ୍ୱାନ ଓ ମଂଚ ପରିଚାଳନା କରିଥିଲେ ରାଜ୍ୟ ପୁରସ୍କାରପ୍ରାପ୍ତ ତଥା ଶିଶୁ ସାହିତ୍ୟିକ ରୁପାଥାଳୀଆ ର ସମ୍ପାଦକ ନିରଂଜନ ପ୍ରସାଦ ବାରିକ କ୍ଷ ଧନ୍ୟବାଦ୍ ଅର୍ପଣ କରିଥିଲେ ବିଦ୍ୟାଳୟ ର ସହକାରୀ ଶିକ୍ଷକ ବୁଦ୍ଧିରାମ ସେନାପତି କ୍ଷ ମାନପତ୍ର ପଠନ କରିଥିଲେ ଶର୍ଙ୍କର୍ଷଣ ନାୟକ କ୍ଷ ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ଭାଷଣ ପରେ ଏକ ଶୋକାକୋଳ ପରିବେଶ ସୃଷ୍ଟି ହୋଇଥିଲା ।

# ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜମି ସୀମା ନିର୍ଦ୍ଧାରଣ ପାଇଁ ଆଳି ତହସିଲଦାରଙ୍କ ଅସହଯୋଗ ଅଭିଯୋଗ

କେନ୍ଦ୍ରାପଡ଼ା, :ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜମି ସୀମା ନିର୍ଦ୍ଧାରଣ ପାଇଁ ଆଳି ତହସିଲଦାର ଅସହଯୋଗ କରୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ଆଳି ତହସିଲ ଅଧିନ ଦଶିପୁର ଗ୍ରାମର ସ୍ୱର୍ଗତ ହରେକୃଷ୍ଣ ଦାଶଙ୍କ ପୁଅ ବିବେକାନନ୍ଦ ଦାଶ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ରାଜକନିକା ଥାନାର ଫଇସଲା କ୍ରମେ ଶ୍ରୀଚୈତନ୍ୟ ମହାପ୍ରଭୁ, ଦଶିପୁର ମାର୍ଫତ ବିବେକାନନ୍ଦ ଦାଶ ଓଗେରଙ୍କ ନାମରେ ଦଶିପୁର ମୌଜାର ଥିବା ଖାତା ନମ୍ବର- ୫୦୭, ପ୍ଲଟ ନମ୍ବର -୧୨୧୨, ଏରିଆ ଏ୦.୦୭ ଡେସିମିଲ ଜମିର ସୀମା ନିର୍ଦ୍ଧାରଣ ପାଇଁ ଆଳି ତହସିଲରେ ସେ ଆବେଦନ କରିଥିଲେ । ସେହି ଅନୁଯାୟୀ ଆଳି ତହସିଲ ପକ୍ଷରୁ ଗତ ତା୧୮.୦୫.୨୦୨୬ ରିଖରେ ଜମି ମାପ କରାଯିବାକୁ ଡିସି ନମ୍ବର- ୧୫୭/୨୬ରେ ନୋଟିସ କରାଯାଇଥିଲା । ଏହାସହିତ ଉକ୍ତଦିନ ସମସ୍ତ ପକ୍ଷଙ୍କ ଉପସ୍ଥିତିରେ ଆଳି ତହସିଲ ଅମୀନଙ୍କ ଦ୍ୱାରା ଉକ୍ତ ଜମିର ସୀମା ନିର୍ଦ୍ଧାରଣ କରାଯାଇଥିଲା । କିନ୍ତୁ ଅମୀନ ତାଙ୍କ ଜମି ମାପ କରାଯାଇଥିବା ରିପୋର୍ଟ ସଠିକ ଭାବରେ ଏବଂ ଠିକ ସମୟରେ ପ୍ରଦାନ ନକରିବା ଯୋଗୁଁ ଏହାର ସୁଯୋଗ ନେଇ ସେହି ଗ୍ରାମର ଶାନ୍ତନୁ ଦାଶଙ୍କ ପତ୍ନୀ ପ୍ରିୟଦର୍ଶିନୀ ଦାଶ ଓ ତାଙ୍କ ସମ୍ପର୍କୀୟମାନେ ଜମି ମାପ ଦିଆଯାଇଥିବା ଚିହ୍ନକୁ ଉପାଡି ଫୋପାଡି ଦେଲେ । ଫଳରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ହୋଇପାରିଲାନାହିଁ । ଏସମ୍ପର୍କରେ ବିବେକାନନ୍ଦ ଆଳି ତହସିଲଦାରଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେବି ସେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ତେଣୁ ବିବେକାନନ୍ଦ ବାଧ ହୋଇ ରାଜକନିକା ବ୍ଲକରେ ହେଉଥିବା ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରରେ ତା ୩୧.୦୮. ୨୦୨୬ରିଖ ଓ ଆଳି ବ୍ଲକରେ ତା ୭.୦୯.୨୦୨୬ରିଖରେ ଲିଖିତ ଅଭିଯୋଗ କରିବାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଳି ତହସିଲଦାର ତାଙ୍କୁ ପ୍ରତିଶୃତି ଦେଇଥିଲେ ଯେ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରିଦେବେ ବୋଲି । କିନ୍ତୁ ବିବେକାନନ୍ଦ ତାଙ୍କୁ ବାରମ୍ବାର ସାକ୍ଷାତ କରି ଏସମ୍ପର୍କରେ ଅନୁରୋଧ କରିବାରେ ଆଳି ତହସିଲଦାର କହିଲେ ମୁଁ କିଛି କରିପାରିବିନି । ତମେ ମୋର କ'ଣ କରି ପାରିବ କର । ବିବେକାନନ୍ଦଙ୍କ ଭଳି ଜଣେ ବରିଷ୍ଠ ନାଗରିକଙ୍କୁ ଏଭଳି ଭାବରେ ବାରମ୍ବାର ଦୌଡାଇବା ପରେ ଜାଣିଶୁଣି ହଇରାଣ ହରକତ କରାଯିବା ଅତ୍ୟନ୍ତ ଅନ୍ୟାୟ । ଏଥିସହିତ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇପାରୁନାହିଁ । ତେଣୁ ତୁରନ୍ତ ଏହି ସମସ୍ୟାର ପ୍ରତିକାର ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ବିନମ୍ର ନିବେଦନ କରିଥିଲେ । ଜିଲ୍ଲାପାଳ ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଆଳି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ବିବେକାନନ୍ଦ ଏହି ଅଭିଯୋଗର ନକଲ କେନ୍ଦ୍ରା□ଳ ରାଜସ୍ୱ ଆୟୁକ୍ତ/ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଶାସନ ସଚିବ/ମୁଖ୍ୟଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି ।

# ଡିସେମ୍ବରରେ କାନାଡ଼ା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଡିସେମ୍ବର ୧୧ ଓ ୧୨ ତାରିଖରେ କାନାଡା ଗସ୍ତରେ ଯିବେ । ଶୁକ୍ରବାର ଏକ୍ସ ସୋସିଆଲ ମିଡିଆ ଜରିଆରେ ଭାରତୀୟ ଉଚ୍ଚାୟୋଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଉଚ୍ଚାୟୋଗ ନିଜର ପୋଷ୍ଟରେ କହିଛି ଯେ ପ୍ରଧାନମନ୍ତ୍ରୀ ମୋଦୀ ଡିସେମ୍ବର ୧୧ ଓ ୧୨ ତାରିଖରେ କାନାଡା ଗସ୍ତ କରିବେ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଓ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କରେ ସୃଷ୍ଟି ହୋଇଥିବା ସକାରାତ୍ମକ ଗତିକୁ ଆଗକୁ ବଢ଼ାଇବା ଉପରେ ସହମତି ପ୍ରକାଶ କରିଥିଲେ । ଏଥିସହ ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଉଭୟ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ଭଳି କ୍ଷେତ୍ରରେ ଠୋସ୍ ଫଳାଫଳ ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଇବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ହକି ଦଳର ଓଡ଼ିଆ ଖେଳାଳି

ଭୁବନେଶ୍ୱର : ଏସିଆନ୍ ଗେମ୍ସ ୨୦୨୬ରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତୀୟ ହକି ଦଳର ଓଡ଼ିଆ ଖେଳାଳିମାନେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି । ହକି ଖେଳାଳି ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ମୁଖ୍ୟମନ୍ତ୍ରୀ ଏହି କୃତୀ ଓଡ଼ିଆ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଏହି ଗୌରବମୟ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ସେମାନଙ୍କର ଏହି ଗୌରବମୟ ସଫଳତା ସମଗ୍ର ରାଜ୍ୟ ତଥା ଦେଶ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।





# ଓଡ଼ିଶାର ଆଇଟିଆଇ କ୍ଲଷ୍ଟର ପାଇଁ ୨୪୦.୫୦ କୋଟି ମଞ୍ଜୁର କଲେ କେନ୍ଦ୍ରସରକାର

## ରାଜ୍ୟ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦିଆଯାଇଛି

ଭୁବନେଶ୍ୱର : ଓଡ଼ିଶାର ଯୁବକଯୁବତୀଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ପିଏମ୍ ସେତୁ ଯୋଜନା ଅଧୀନରେ କଟକ ଆଇଟିଆଇ କ୍ଲଷ୍ଟରର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ୨୪୦.୫୦ କୋଟି ଟଙ୍କାର ନିବେଶକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଯୋଗରେ କାର୍ଯ୍ୟକାରୀ ହେବ । ଏହି ନିଷ୍ପତି ପାଇଁ ବିଜେପି ଓଡ଼ିଶା ପ୍ରଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି । ବିଜେପି ଶିଳ୍ପ ପ୍ରକୋଷ୍ଠର ସଂଯୋଜକ ତଥା ରାଜ୍ୟ ମୁଖପାତ୍ର ଡ. ତପନ କୁମାର ଚାନ୍ଦ, ମୁଖପାତ୍ର ତେଜେଶ୍ୱର ପରିଡ଼ା ଓ ସତ୍ୟବ୍ରତ ପଣ୍ଡା ଏକ ମିଳିତ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଯୁବପିଢ଼ିଙ୍କ ଦକ୍ଷତା ବିକାଶ ବିଜେପିର ପ୍ରାଥମିକତା । ଏହି ପ୍ରକଳ୍ପରେ ସରକାରୀ ଆଇଟିଆଇ, କଟକ ମୁଖ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଚୌଦ୍ୱାର, ପାରାଦୀପ, ଯାଜପୁର ଓ ଢେଙ୍କାନାଳ ସରକାରୀ ଆଇଟିଆଇ ସହଯୋଗୀ କେନ୍ଦ୍ର ହେବ । ଏହା ମାଧ୍ୟମରେ ଶିଳ୍ପ ୪.୦, ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତା, ସବୁଜ ଶକ୍ତି, ଇଲେକ୍ଟ୍ରିକ୍ ଯାନ ଓ ଡିଜିଟାଲ୍ ଲଜିଷ୍ଟିକ୍ସ ଭଳି କ୍ଷେତ୍ରରେ ଆଧୁନିକ ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷଣକୁ ଶିଳ୍ପର ଆବଶ୍ୟକତା ଓ ନିଯୁକ୍ତି ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯିବ । ଏଥିସହ ରାଜ୍ୟ କ୍ୟାବିନେଟ୍ ଅନୁମୋଦିତ ଦକ୍ଷତା ବିକାଶ ଯୋଜନାରେ ୪୫୦ କୋଟି ଟଙ୍କା ବ୍ୟୟରେ ୪ ଲକ୍ଷ ୨୦ ହଜାର ଯୁବକଯୁବତୀଙ୍କୁ ଶିଳ୍ପ ଉପଯୋଗୀ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରହିଛି । ଏଥିରେ ୩ ଲକ୍ଷ ଯୁବକଯୁବତୀଙ୍କୁ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ଯୋଜନା ରହିଛି । ଏହି ପଦକ୍ଷେପଗୁଡ଼ିକ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତି ଯୋଗ୍ୟତା ବଢ଼ାଇବା ସହ ଦେଶ ଓ ବିଦେଶରେ ନିଯୁକ୍ତି ଏବଂ ଉଦ୍ୟମିତାର ସୁଯୋଗ ସୃଷ୍ଟି କରିବ ବୋଲି ବିଜେପି ପକ୍ଷରୁ ଆଶା ପ୍ରକାଶ କରାଯାଇଛି ।



# କବି ଅଖିଳ ମିଶ୍ରଙ୍କ ନବମ କବିତା ସଂକଳନ 'ଦୂର ପୃଥିବୀ' ଉନ୍ମୋଚିତ

## ସାହିତ୍ୟ ମାନବିକ ଭାବନା ଓ ଅଭିବ୍ୟକ୍ତି ମଧ୍ୟରେ ଏକ ସୃଜନଶୀଳ ସେତୁର ଭୂମିକା ନିର୍ବାହ କରେ

ଭୁବନେଶ୍ୱର : ସାହିତ୍ୟ ମାନବୀୟ ଭାବନା ଓ ଅଭିବ୍ୟକ୍ତି ମଧ୍ୟରେ ଏକ ସୃଜନଶୀଳ ସେତୁର ଭୂମିକା ନିର୍ବାହ କରିଥାଏ । ଏହା ପ୍ରାୟତଃ ଅକୁହା ରହିଯାଉଥିବା ଅନୁଭବକୁ ଶବ୍ଦ ଦେଇଥାଏ । ବିଶେଷ କରି କବିତା ଜୀବନର ସୂକ୍ଷ୍ମତା, ମାନବିକ ଭାବନାର ଗଭୀରତା ଏବଂ ସମୟ ସହ ବଦଳୁଥିବା ବାସ୍ତବତାକୁ ଏକାଠି ସାଉଁଟି ନେଇଥାଏ । ଏହାଦ୍ୱାରା ବ୍ୟକ୍ତିଗତ ଅନୁଭୂତିକୁ ଏକ ବ୍ୟାପକ ସ୍ୱର ମିଳେ । ଶବ୍ଦଗୁଡ଼ିକର ଏହି ଚିରସ୍ଥାୟୀ ଶକ୍ତିକୁ ପରିପ୍ରକାଶ କରୁଥିବା ଏକ ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଶ୍ରୀ ଅଖିଳ କୁମାର ମିଶ୍ରଙ୍କର ନବମ କବିତା ସଂକଳନ 'ଦୂର ପୃଥିବୀ' ଆଜି ଭୁବନେଶ୍ୱରରେ ଉନ୍ମୋଚିତ ହୋଇଛି । ସିଏସଆଇଆର-ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । 'ଦୂର ପୃଥିବୀ' ଶୀର୍ଷକ ଏହି କବିତା ସଂକଳନରେ ସ୍ଥାନିତ କବିତାଗୁଡ଼ିକ ବିଚ୍ଛିନ୍ନତା, ବ୍ୟାକୁଳତା ଏବଂ ଆତ୍ମଚିନ୍ତନର ଭାବନା ଉଦ୍ରେକ କରିଥାଏ ଯାହା ପାଠକମାନଙ୍କୁ ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ ରହିଥିବା ସୂକ୍ଷ୍ମ ସମ୍ପର୍କକୁ ବୁଝିବା ଲାଗି ଆମନ୍ତ୍ରିତ କରେ । କବି ଶ୍ରୀ ମିଶ୍ର ଖୁବ୍ ସରଳ, ସାବଲୀଳ ଓ ପ୍ରଭାବଶାଳୀ ଢଙ୍ଗରେ କବିତାଗୁଡ଼ିକର ସର୍ଜନା କରିଛନ୍ତି । ଏଥିରେ ସେ ସ୍ମୃତି, ପ୍ରକୃତି, ପ୍ରେମ, ମାନବୀୟ ସମ୍ପର୍କ ଏବଂ ଆଜିର ଜଞ୍ଜାଳଭରା ଜୀବନରେ ଆନ୍ତରିକ ଦ୍ୱନ୍ଦ୍ୱ ଭଳି ପ୍ରସଙ୍ଗକୁ ଉଜାଗର କରିଛନ୍ତି । କବିତାଗୁଡ଼ିକରେ ମଣିଷ ଭିତରେ ଚାପି ହୋଇ ରହିଥିବା ଦୁଃଖ, ଆଶା, ପ୍ରତ୍ୟାଶା ଏବଂ ସ୍ନେହର ବର୍ଣ୍ଣନା ରହିଛି ଯାହା ମାନବୀୟ ଅନୁଭୂତିକୁ ପ୍ରଭାବିତ କରିଥା'ନ୍ତି । ଶ୍ରୀ ମିଶ୍ର ବିଭିନ୍ନ ଭାବନାକୁ ସମ୍ବେଦନଶୀଳ କାବ୍ୟିକ ଚିତ୍ରଣ ମାଧ୍ୟମରେ ଗୁନ୍ଥି ଏପରି ଏକ ଦୁନିଆ ଗଢ଼ିଛନ୍ତି ଯେଉଁଠି ବ୍ୟକ୍ତିଗତ ଆତ୍ମଚିନ୍ତନ ଏକ ବ୍ୟାପକ ସାର୍ବଜନୀନ ଅର୍ଥକୁ ପରିପ୍ରକାଶ କରୁଛି । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଭାରତର ବିକାଶକୁ ଆଗେଇ ନେବା ପାଇଁ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ସାର୍ଥକ ପ୍ରଗତିର ମୂଳଦୁଆ ନିଜ ଭାଷା ଓ ସାହିତ୍ୟିକ ଅଭିବ୍ୟକ୍ତି ଉପରେ ଆଧାରିତ ହେବା ଉଚିତ୍ । ଶ୍ରୀ ଅଖିଳ କୁମାର ମିଶ୍ରଙ୍କର ନବମ କବିତା ସଂକଳନ 'ଦୂର ପୃଥିବୀ'ର ପ୍ରଶଂସା କରି ସେ କହିଥିଲେ, ଏହି କୃତି କବିଙ୍କର ଜୀବନଯାତ୍ରା, ଅନୁଭୂତି ଏବଂ ଆକାଂକ୍ଷାକୁ ଦର୍ଶାଉଛି । ସାହିତ୍ୟ କେବଳ ଅଭିବ୍ୟକ୍ତି ପର୍ଯ୍ୟନ୍ତ ସୀମିତ ରହିନଥାଏ, ବରଂ ସମାଜ ପାଇଁ ଏକ ସ୍ଥାୟୀ ଐତିହ୍ୟ ପାଲଟିଯାଏ ଯେଉଁଥିରେ ପ୍ରଶଂସା ଓ ସମାଲୋଚନା ଉଭୟ ଏହାର ସୃଜନଶୀଳ ମୂଲ୍ୟରେ ଯୋଗଦାନ ଦେଇଥା'ନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ରୂପେ ଯୋଗଦେଇଥିବା ବିଶିଷ୍ଟ କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର 'ଦୂର ପୃଥିବୀ'ରେ ଜୀବନ, ପ୍ରେମ ଓ ମାନବୀୟ ସମ୍ପର୍କର ଚିତ୍ରଣକୁ ପ୍ରଶଂସା କରିଥିଲେ । ସେ କହିଥିଲେ, ଆଂଚଳିକ ଅନୁଭୂତି ଉପରେ ଆଧାରିତ କବିତା ମଧ୍ୟ ସାର୍ବଜନୀନ ମହତ୍ୱ ବହନ କରିଥାଏ । ଆଜିର ଏହି ଅନିଶ୍ଚିତ ବିଶ୍ୱରେ ସୃଜନଶୀଳତା, କରୁଣା ଏବଂ ମାନବୀୟ ସମ୍ବେଦନଶୀଳତାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ । କବି ଡକ୍ଟର ହୃଷୀକେଶ ମଲ୍ଲିକ ଓଡ଼ିଆ ଭାଷାର ସାଂସ୍କୃତିକ ସମୃଦ୍ଧି ଉପରେ ଆଲୋକପାତ କରିବା ସହିତ ଅନୁବାଦ ସମୟରେ ଏହି ଭାଷାର ଅଭିନବ ତତ୍ତ୍ୱ ଏବଂ ସାଂସ୍କୃତିକ ସୂକ୍ଷ୍ମତାକୁ ସୁରକ୍ଷିତ ରଖିବା କେତେ କଠିନ, ସେ ସମ୍ପର୍କରେ ମତପ୍ରକାଶ କରିଥିଲେ । କବିମାନଙ୍କର ଭାବଗତ ସମ୍ବେଦନଶୀଳତା ଉପରେ ମଧ୍ୟ ସେ ବକ୍ତବ୍ୟ ରଖିଥିଲେ । କବିମାନେ ପ୍ରାୟତଃ ନିଜ ଆନ୍ତରିକ ଦୁନିଆର ଗଭୀରତାରେ ବୁଡ଼ି ରହିଥା'ନ୍ତି, ଯାହାଫଳରେ ଲୋକମାନେ ତାଙ୍କୁ ଠିକ୍ ଭାବେ ବୁଝି ପାରିନଥା'ନ୍ତି ବୋଲି ଡକ୍ଟର ମଲ୍ଲିକ କହିଥିଲେ । ଏହି ଅବସରରେ କବି ଅଖିଳ କୁମାର ମିଶ୍ର କବିତାକୁ ଆଶା, ସହନଶୀଳତା ଏବଂ ସାମାଜିକ ପ୍ରତିଫଳନର ଉତ୍ସ ଭାବରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, ନିର୍ଭୀକ ଅଭିବ୍ୟକ୍ତି ମାଧ୍ୟମରେ ସମାଜର ମୂଳ ଆତ୍ମାକୁ ସାମ୍ନାକୁ ଆଣିବା ହିଁ ହେଉଛି ଜଣେ କବିର ଗୁରୁଦାୟିତ୍ୱ । ଏହି କାର୍ଯ୍ୟକ୍ରମରେ ଉକ୍ତ ସଂକଳନ ଉପରେ ଆଲୋଚନା କରାଯାଇଥିଲା ।



# ଦିଲ୍ଲୀ ଜନ୍ତରମନ୍ତର ହିଂସାରେ ପ୍ରଭାବିତ ବ୍ୟକ୍ତିବିଶେଷ ଓ ପୁଲିସ କର୍ମଚାରୀଙ୍କ

## ସୁବିଧା ପାଇଁ ପୋର୍ଟାଲ୍‌ର ଶୁଭାରମ୍ଭ କଲା ଉଚ୍ଚସ୍ତରୀୟ ତଦନ୍ତ କମିଟି

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ଗତ ଜୁଲାଇ ୨୦୨୬ ମାସରେ ଦିଲ୍ଲୀର ଜନ୍ତର ମନ୍ତର ଏବଂ ଦିଲ୍ଲୀ ବାହାରର ବିଭିନ୍ନ ସ୍ଥାନରେ ଘଟିଥିବା ହିଂସାକାଣ୍ଡର ସମସ୍ତ ଦିଗ ଉପରେ ତଦନ୍ତ କରିବା ପାଇଁ ଏକ 'ଉଚ୍ଚ-କ୍ଷମତା ସମ୍ପନ୍ନ ତଦନ୍ତ କମିଟି' (ଏଚପିଇସି) ଗଠନ କରିଥିଲେ । ପ୍ରଭାବିତ ବ୍ୟକ୍ତିବିଶେଷ (ଯେଉଁଥିରେ ପ୍ରଭାବିତ ପୋଲିସ କର୍ମଚାରୀମାନେ ମଧ୍ୟ ଅନ୍ତର୍ଭୁକ୍ତ)ଙ୍କ ସୁବିଧା ପାଇଁ, ଏହି କମିଟି ଏକ ପୋର୍ଟାଲ୍ http://hpec.nic.in ଆରମ୍ଭ କରିଛି । ଏହି କମିଟି, ସୁପ୍ରିମକୋର୍ଟଙ୍କ ୧୮ ଅଗଷ୍ଟ ୨୦୨୬ ତାରିଖର ଆଦେଶନାମାର ୧୨ ଓ ୧୩ ନମ୍ବର ପାରାଗ୍ରାଫ୍ ଏବଂ ୧୦ ସେପ୍ଟେମ୍ବର ୨୦୨୬ ତାରିଖର ଆଦେଶନାମାର ୫(ସ) ନମ୍ବର ପାରାଗ୍ରାଫରେ ଉଲ୍ଲେଖ କରାଯାଇଥିବା ସମସ୍ତ ବିଷୟ ଉପରେ ଯାଂଚ କରିବ । ବିଶେଷ ଭାବରେ ପେଲେଟ୍ ଗନର ବ୍ୟବହାର, ଉଦ୍ଦେଶ୍ୟମୂଳକ ହିଂସା, ମହିଳା ଆନ୍ଦୋଳନକାରୀଙ୍କୁ ଦୁର୍ବ୍ୟବହାର ସହିତ ଉଭୟ ପକ୍ଷରୁ ହୋଇଥିବା ଅତ୍ୟଧିକ ହିଂସା ଏବଂ ସମ୍ପତି ନଷ୍ଟ ହେବା ଭଳି ଘଟଣାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ । ଏହି ପୋର୍ଟାଲଟି ଏପରି ଭାବରେ ପ୍ରସ୍ତୁତ କରାଯାଇଛି ଯେ, ଏହା ସମ୍ବେଦନଶୀଳ ସାକ୍ଷୀମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିପାରିବ । ଏହାସହିତ, ଯଦି ପ୍ରଭାବିତ ବ୍ୟକ୍ତିମାନେ ଚାହାଁନ୍ତି, ତେବେ ସେମାନଙ୍କ ପରିଚୟକୁ ଗୋପନୀୟ ରଖାଯାଇପାରିବ ଏବଂ ପ୍ରକାଶ କରାଯିବ ନାହିଁ । ଏହି ପୋର୍ଟାଲ୍ ପରିଦର୍ଶନ କରିବା ସହିତ ନିର୍ଦ୍ଧାରିତ ଫର୍ମାଟ୍ ବ୍ୟବହାର କରି ନିଜର ଅଭିଯୋଗ କିମ୍ବା ମତାମତ ଅପଲୋଡ୍ କରିବା ଲାଗି ପ୍ରଭାବିତ ବ୍ୟକ୍ତିବିଶେଷ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ପକ୍ଷମାନଙ୍କୁ ପରାମର୍ଶ ଦିଆଯାଇଛି । ଏହାବ୍ୟତୀତ, ୧୮ ଅଗଷ୍ଟ ୨୦୨୬ ଏବଂ ୧୦ ସେପ୍ଟେମ୍ବର ୨୦୨୬ ତାରିଖର ଆଦେଶ ଅନୁଯାୟୀ (ଏଚପିଇସି) ନିକଟକୁ ପଠାଯାଇଥିବା ବିଷୟଗୁଡ଼ିକ ସମ୍ବନ୍ଧରେ ଯେକୌଣସି ବ୍ୟକ୍ତି ସୂଚନା କିମ୍ବା ପରାମର୍ଶ ଦେବାକୁ ଚାହୁଁଥିଲେ, ସେ ଉକ୍ତ ପୋର୍ଟାଲ୍ ମାଧ୍ୟମରେ ତାହା ପ୍ରଦାନ କରିପାରିବେ । ଯେଉଁମାନେ ନିଜର ଅଭିଯୋଗ, ମତାମତ କିମ୍ବା ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟ ସିଧାସଳଖ ବ୍ୟକ୍ତିଗତ ଭାବେ ଦାଖଲ କରିବାକୁ ଚାହୁଁଛନ୍ତି, ସେମାନେ କାର୍ଯ୍ୟଦିବସଗୁଡ଼ିକରେ ଅପରାହ୍ଣ ୨ଟାରୁ ୪ଟା ମଧ୍ୟରେ ନୂଆଦିଲ୍ଲୀ-୧୧୦୦୦୨ ସ୍ଥିତ 'ଶିକ୍ଷା ସଦନ', ୧୭, ରାଉସ୍ ଆଭେନ୍ୟୁ ଇନଷ୍ଟିଚ୍ୟୁସନାଲ୍ ଏରିଆ ଠାରେ ଥିବା ଏଚପିଇସି କାର୍ଯ୍ୟାଳୟରେ ପହଂଚି ଏହା ଦାଖଲ କରିପାରିବେ । ଏହା ବ୍ୟତୀତ, ଉପରୋକ୍ତ ଠିକଣାରେ ଡାକ ମାଧ୍ୟମରେ କିମ୍ବା hpec2026.enquiry[at]nic[dot]in ଇମେଲ୍ ଠିକଣାରେ ମଧ୍ୟ ନିଜର ତଥ୍ୟ ପଠାଯାଇପାରିବ ।

# 'ରେଳ ଜନ ସମ୍ବାଦ' ଆୟୋଜନ କରିବ ଦକ୍ଷିଣ ପୂର୍ବ ରେଳପଥ

କୋଲକାତା : ଦକ୍ଷିଣ ପୂର୍ବ ରେଳପଥ ୨୨ ଅକ୍ଟୋବର ୨୦୨୬ରେ 'ରେଳ ଜନ ସମ୍ବାଦ' ଆୟୋଜନ କରିବ, ତା'ପରେ ଏହାର ଅଧୀନସ୍ଥ ସମସ୍ତ ଷ୍ଟେସନରେ ଏକ ଘନିଷ୍ଠ ସଫେଇ ଅଭିଯାନ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକଳାପଗୁଡ଼ିକ ଚାଲୁଥିବା ସ୍ୱତନ୍ତ୍ର ଅଭିଯାନ ୬.୦ ର ଅଂଶ ଭାବରେ ପରିଚାଳିତ ହେବ, ଯାହା ସ୍ୱଚ୍ଛତା, ସ୍ଥାନ ପରିଚାଳନା, ସ୍କ୍ରାପ୍ ଏବଂ ଇ-ଅବର୍ଜନାର ନିଷ୍କାସନ, ନାଗରିକ ସମ୍ପୃକ୍ତି ଏବଂ ଅନ୍ୟାନ୍ୟ ଚିହ୍ନଟ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିବ । 'ରେଳ ଜନ ସମ୍ବାଦ' ପ୍ରୟାସର ଲକ୍ଷ୍ୟ ରେଳ ଅଧିକାରୀ ଏବଂ ଯାତ୍ରୀଙ୍କ ମଧ୍ୟରେ ସିଧାସଳଖ ପାରସ୍ପରିକ କ୍ରିୟାକୁ ସୁଦୃଢ଼ କରିବା, ସ୍ୱଚ୍ଛତା ପାଇଁ ମତାମତ ଏବଂ ପରାମର୍ଶ ବାଂଟିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା, ଯାତ୍ରୀ ସୁବିଧା ଏବଂ ରେଳ ସେବାରେ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା । ଏହି କାର୍ଯ୍ୟକ୍ରମ ଅଧିକ ନାଗରିକ ଅଂଶଗ୍ରହଣକୁ ଉତ୍ସାହିତ କରିବ, ବିଶେଷକରି ଜେନ ଜେଡ ଏବଂ ଯାତ୍ରୀଙ୍କ ଆବଶ୍ୟକତା ପ୍ରତି ରେଳ ସେବାକୁ ଅଧିକ ପ୍ରତିକ୍ରିୟାଶୀଳ କରିବାରେ ସାହାଯ୍ୟ କରିବ । ଏସଇଆରର ସମସ୍ତ ୪ଟି ଡିଭିଜନ ସେମାନଙ୍କ ଅଧୀନସ୍ଥ ସମସ୍ତ ଷ୍ଟେସନରେ 'ରେଳ ଜନ ସମ୍ବାଦ' ଏବଂ ସ୍ୱଚ୍ଛତା ଅଭିଯାନ ଆୟୋଜନ କରିବେ । ପ୍ରମୁଖ ଷ୍ଟେସନଗୁଡ଼ିକରେ ବରିଷ୍ଠ ରେଳ ଅଧିକାରୀମାନେ କାର୍ଯ୍ୟକ୍ରମର ନେତୃତ୍ୱ ନେବେ, ଯେତେବେଳେ ଶାଖା ଅଧିକାରୀ, ଅନ୍ୟାନ୍ୟ ନିଯୁକ୍ତ ଅଧିକାରୀ ଏବଂ ଷ୍ଟେସନ ପରିଚାଳକମାନେ ଅବଶିଷ୍ଟ ଷ୍ଟେସନଗୁଡ଼ିକରେ କାର୍ଯ୍ୟକଳାପର ସମନ୍ୱୟ କରିବେ । ପାରସ୍ପରିକ କ୍ରିୟା କାର୍ଯ୍ୟକ୍ରମ ପରେ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ଏକ ମନୋରମ ଷ୍ଟେସନ ପରିବେଶର ଗୁରୁତ୍ୱକୁ ସୁଦୃଢ଼ କରିବା ପାଇଁ ସମସ୍ତ ଷ୍ଟେସନରେ ଏକ ସଘନ ସ୍ୱଚ୍ଛତା ଅଭିଯାନ କରାଯିବ ।



# ୨୫ରେ ଲଘୁଚାପ, ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର : ଦକ୍ଷିଣ ତାମିଲନାଡୁ ଉପକୂଳ ଏବଂ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଓ ଆଖପାଖ ଅଂଚଳରେ ସକ୍ରିୟ ଥିବା ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟରୁ ଏକ ଟ୍ରଫ୍ ଲାଇନ୍ ଓଡ଼ିଶା ଉପକୂଳବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତୃତ ରହିଛି । ଫଳରେ ଆସନ୍ତା ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶାର ଉପକୂଳ ଅଂଚଳରେ ବର୍ଷା ହେବ । ବିଶେଷକରି ୨୨ରୁ ୨୮ ତାରିଖ ମଧ୍ୟରେ ଦେଶର ପୂର୍ବ ଉପକୂଳର ବିସ୍ତୃତ ଅଂଚଳରେ ଭଲ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ୧୫ ରୁ ୨୧ ମଧ୍ୟରେ ଓଡ଼ିଶାରେ ବଡ଼ ବର୍ଷା ନେଇ କୌଣସି ସୂଚନା ନ ଥିବା କୁହାଯାଇଛି । ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ବିଜୁଳି ସହିତ ଝଡ଼ବର୍ଷା ହେବା ନେଇ ସୂଚନା ଦିଆଯାଇଛି । ଏନେଇ ଶନିବାର ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ଦିନ କିମ୍ବା ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଶୁକ୍ରବାର ୧୧ଟି ସହରର ତାପମାତ୍ରା ୩୪ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା ।



# ଆଇପିଏଲ୍ ୨୦୨୭ ମିନି ଅକ୍ସନ୍ ତାରିଖ ଘୋଷଣା !

ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୭କୁ ନେଇ କ୍ରିକେଟ୍ ଜଗତରେ ଏବେଠାରୁ ଆରମ୍ଭ ହୋଇଗଲାଣି ଚର୍ଚ୍ଚା । ଆସନ୍ତା ସିଜିନ୍ ପାଇଁ ଖେଳାଳି ନିଲାମ ବା ଅକ୍ସନ୍ ତାରିଖ ସାମ୍ନାକୁ ଆସିଛି । ଡିସେମ୍ବର ୧୬ ତାରିଖରେ ଗୋଆର ଏକ ଫାଇଭ୍ ଷ୍ଟାର ହୋଟେଲରେ ଆଇପିଏଲ୍ ୨୦୨୭ର ଖେଳାଳି ନିଲାମ ହେବାକୁ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । କ୍ରିକେଟ୍ ୱେବସାଇଟ୍ କ୍ରିକ୍‌ବଜ୍‌ର ରିପୋର୍ଟ ଅନୁଯାୟୀ, ବିସିସିଆଇର ଲଜିଷ୍ଟିକ୍ସ ଟିମ୍ ପଠାଇଥିବା ଏକ ହ୍ୱାଟ୍ସଆପ୍ ମେସେଜ୍‌ରୁ ଏହି ତାରିଖ ବିଷୟରେ ସୂଚନା ମିଳିଛି । ରିପୋର୍ଟ ଅନୁସାରେ, ବିସିସିଆଇ ପକ୍ଷରୁ ପଠାଯାଇଥିବା ମେସେଜ୍‌ରେ ଉଲ୍ଲେଖ ରହିଛି ଯେ, ଆଇପିଏଲ୍ ୨୦୨୭ ପାଇଁ ଖେଳାଳି ନିଲାମ ଡିସେମ୍ବର ୧୬, ୨୦୨୬ରେ ଗୋଆର ଆଇଟିସି ଗ୍ରାଣ୍ଡ ଗୋଆରେ ଅନୁଷ୍ଠିତ ହେବ । ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଡିସେମ୍ବର ୧୫ରେ ଅକ୍ସନ୍ ସମ୍ପର୍କିତ ବ୍ରିଫିଂ ବା ଆଲୋଚନା ହେବ । ତେବେ ଏହି ତାରିଖ ଓ ସ୍ଥାନ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ବିସିସିଆଇ ପକ୍ଷରୁ ଫ୍ରାଂଚାଇଜି ମାଲିକ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୌଣସି ଔପଚାରିକ ଇମେଲ୍ ପଠାଯାଇନାହିଁ । ଏହା ସତ୍ତ୍ୱେ ଅନେକ ଆଇପିଏଲ୍ ଫ୍ରାଂଚାଇଜି କ୍ରିକ୍‌ବଜ୍‌କୁ ହ୍ୱାଟ୍ସଆପ୍ ମେସେଜ୍ ମିଳିଥିବା କଥା ସ୍ପଷ୍ଟ କରିଥିବା ରିପୋର୍ଟରେ କୁହାଯାଇଛି । ଏହି ନିଲାମ ଆଇପିଏଲ୍‌ର ସମସ୍ତ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ, କେଉଁ ଖେଳାଳିଙ୍କୁ ଛାଡ଼ିବାକୁ ପଡ଼ିବ ଏବଂ କେଉଁ ନୂଆ ଚେହେରାଙ୍କ ଉପରେ ଫ୍ରାଂଚାଇଜିଗୁଡ଼ିକ ଭରସା କରିବେ, ତାହା ଉପରେ ସମସ୍ତଙ୍କ ନଜର ରହିବ । ତେବେ ଅକ୍ସନ୍‌ର ତାରିଖ ଓ ସ୍ଥାନକୁ ନେଇ ବିସିସିଆଇର ଔପଚାରିକ ଘୋଷଣାକୁ ଅପେକ୍ଷା କରାଯାଇଛି । ଆଗାମୀ ଦିନରେ ଏହି ନିଲାମକୁ ନେଇ ଅଧିକ ସ୍ପଷ୍ଟତା ଆସିବାର ସମ୍ଭାବନା ରହିଛି ।



# ୨୦୨୭ ଅଲିମ୍ପିକ୍ସରେ ପ୍ରତ୍ୟାବର୍ତ୍ତନ କରିବେ ନୀରଜ ଚୋପ୍ରା

ନୂଆଦିଲ୍ଲୀ : ଆହତ ଯୋଗୁଁ ୨୦୨୬ରେ ନିଜର ଖେଳ ଅଧାରୁ ଶେଷ କରିବାକୁ ବାଧ୍ୟ ହୋଇଥିବା ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଏବେ ଜୋରଦାର ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛନ୍ତି । ୨୦୨୭ରେ ଦମଦାର କମବ୍ୟାକ୍ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ । ନିଜେ ନୀରଜ ଏହି ସୂଚନା ଦେଇଛନ୍ତି । ଆହତ ସମସ୍ୟାରୁ ଧୀରେ ଧୀରେ ସୁସ୍ଥ ହେଉଥିବା ସେ କହିଥିବା ବେଳେ ଆଗାମୀ ଦିନରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ଉପରେ ଫୋକସ୍ କରୁଛନ୍ତି ବୋଲି କହିଛନ୍ତି ନୀରଜ । ମୁମ୍ବାଇରେ ୨୦୨୬ ଅଡି କ୍ୟୁ୩ର ଲଂଚ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନୀରଜଙ୍କୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ସମ୍ପର୍କରେ ପଚରାଯାଇଥିଲା । ଏହାର ଉତରରେ ସେ ନିଜର ଆଗାମୀ ଯୋଜନା ବିଷୟରେ କହିବା ସହ ଆହତରୁ ସାମାନ୍ୟ ସୁସ୍ଥ ହେବା ପରେ ଏବେ କେଉଁ ଦିଗ ଉପରେ ଗୁରୁତ୍ୱ ଦେଉଛନ୍ତି, ତାହା ସ୍ପଷ୍ଟ କରିଛନ୍ତି । ନୀରଜ କହିଛନ୍ତି, ଅଲିମ୍ପିକ୍ସ ପାଇଁ ଏବେ ଅନେକ ସମୟ ବାକି ଅଛି । ତେବେ ତାଙ୍କ ଗୋଇଠିରେ ହୋଇଥିବା ଆଘାତ ଏବେ ଅନେକାଂଶରେ ଠିକ୍ ହୋଇଯାଇଛି ଏବଂ ସେ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତି କରୁଛନ୍ତି । ସେ ଆହୁରି କହିଛନ୍ତି, ଏବେ ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ଆସନ୍ତା ବର୍ଷ ଜୋରଦାର ପ୍ରତ୍ୟାବର୍ତ୍ତନ କରିବା ଉପରେ ରହିଛି । ଏପର୍ଯ୍ୟନ୍ତ ଯେଉଁଭଳି ପ୍ରଦର୍ଶନ କରିପାରିନାହାନ୍ତି, ଆଗାମୀ ଦିନରେ ସେହି ସ୍ତରର ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି । ନୀରଜଙ୍କ ଏହି ବୟାନ ପରେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ନୂଆ ଆଶା ସଂଚାର ହୋଇଛି । ଆହତ ସମସ୍ୟାରୁ ମୁକୁଳି ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ଦେଖାଇବା ଉପରେ ଏବେ ତାଙ୍କର ନଜର ରହିଛି ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**